ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.81 Bhubaneswar Saturday 07 2022 | ୨୫ତମ ବର୍ଷ ସଂଖ୍ୟା-୮୧ ଭୁବନେଶ୍ୱର, ଶନିବାର, ମଇ ୦୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ମିଳିବ ସ୍ପଷ୍ଟ ଚିତ୍ର, ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ଏସଆରସି



ଭୁବନେଶ୍ୱର,୬।୫(ପି.ଏନ): "ବର୍ତ୍ତମାନ ପର୍ଯ୍ୟନ୍ତ ବାତ୍ୟା ହେବ କି ନାହିଁ ତାହା କୌଣସି ବି ମଡେଲ୍ ସ୍ପଷ୍ଟ କରିନାହାନ୍ତି । କିନ୍ତୁ ଭାରତୀୟ ପାଣିପାଗ ବିଭାଗର ତଥ୍ୟ ଅନୁସାରେ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ଯାହାକି ଲଘୁଚାପର ରୂପ ନେଇ ଉତ୍ତରପଶ୍ଚିମ ଦିଗରେ ବଙ୍ଗୋପସାଗର ଆଡକୁ ଗତି କରୁଛି । ଏହି ଲଘୁଚାପ ଆସନ୍ତାକାଲି ସୁଦ୍ଧା ଅବପାତର ରୂପ ନେବା ପରେ ଏହା ତୀବ୍ର ଅବପାତ ହେବ କି ସାମୁଦ୍ରିକ ଝଡର ରୂପ ନେବ ତାହା ସ୍ପଷ୍ଟ ହେବ । ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ସମ୍ଭାବ୍ୟ ବାତ୍ୟାକୁ ନେଇ ସ୍ପଷ୍ଟ ଚିତ୍ର ମିଳିବ । ଆଉ ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା ପାଇଁ ରାଜ୍ୟ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ।" ଆଜି ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସମ୍ଭାବ୍ୟ ବାତ୍ୟାକୁ ନେଇ ଏଭଳି ମତ ରଖିବା ସହ ଲୋକଙ୍କୁ ଭୟଭୀତ ନହେବା ପାଇଁ ପୁଣିଥରେ ନିବେଦନ କରିଛନ୍ତି ।ଏସଆରସି ଶ୍ରୀ ଜେନା କହିଛନ୍ତି ଯେ, ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)ର ତଥ୍ୟ ଅନୁସାରେ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ଲଘୁଚାପରେ ପରିଣତ ହୋଇ ବଙ୍ଗୋପସାଗର ଆଡକୁ ମୁହାଁଇଛି । ଯାହା ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଅବପାତର ରୂପ ନେବ । ଏହି ଅବପାତ ରୂପ ନେବା ପରେ ହିଁ ବାତ୍ୟା ସଂକ୍ରାନ୍ତରେ ସ୍ପଷ୍ଟ ଚିତ୍ର ମିଳିବ । ତେବେ ଆଇଏମଡିର ପ୍ରାରମ୍ଭିକ ଆକଳନ ଅନୁସାରେ ଏହି ଲଘୁଚାପ ଅଧିକ ଅବପାତ ହୋଇ ସାମୁଦ୍ରିକ ଝଡର ରୂପ ନେଲେ ତାହା ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡିଶାର ସମୁଦ୍ର ଉପକୂଳ ଆଡ ? ଗତି କରିବ । କିନ୍ତୁ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଏହା ବଙ୍ଗୋପସାଗରରେ ଉପକୂଳଠୁ ୨୫୦-୩୦୦କିମି ଦୂରରେ ରହିବ । ଯଦି ଏହା ସାମୁଦ୍ରିକ ଝଡର ରୂପ ନିଏ ଅବା ସିଭିୟର ସାଇକ୍ଲୋନର ରୂପ ନିଏ ତେବେ ତା'ର ଗତିପଥ, ପ୍ରଭାବ ଓ ତୀବ୍ରତା କ'ଣ ହେବ ତାହା କେବଳ ୧୦ ତାରିଖ ସନ୍ଧ୍ୟା ସୁଦ୍ଧା ଜଣାପଡିବ । ଏବେ ଯେହେତୁ ଏହା ଅବପାତର ରୂପ ନେଇନି ତେଣୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଆକଳନ କରିବା କଷ୍ଟକର ବୋଲି ଶ୍ରୀ ଜେନା ସ୍ପଷ୍ଟ କରିଛନ୍ତି । ଅବଶ୍ୟ ଏହି ଲଘୁଚାପ ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଆସନ୍ତା ୮ ତାରିଖରୁ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତେବେ ପବନ କେତେ ବୋହିବ ସେ ନେଇ କୌଣସି ତଥ୍ୟ ଆଇଏମଡି ପକ୍ଷରୁ ମିଳିନି ।ଶ୍ରୀ ଜେନା ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ତାକାଲି ଆଇଏମଡି ପକ୍ଷରୁ ସ୍ପଷ୍ଟ ଚିତ୍ର ମିଳିବା ପରେ ଏନଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଟିମକୁ ସମ୍ଭାବ୍ୟ ପ୍ରଭାବିତ ସ୍ଥାନରେ ମୁତୟନ କରାଯିବ । ୮ ତାରିଖ ସକାଳ ସୁଦ୍ଧା ସମସ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀକୁ ମଧ୍ୟ ରାଜ୍ୟ ସରକାର ଆଜି ଚିଠି ଲେଖି ସମୁଦ୍ରରେ ରହିଥିବା ମତ୍ସ୍ୟଜୀବୀଙ୍କୁ ଫେରାଇ ଆଣିବାରେ ସହଯୋଗ କରିବାକୁ କହିଛନ୍ତି । ୮ ତାରିଖରୁ ଯେଭଳି କୌଣସି ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯିବେନି ତାହା ସୁନିଶ୍ଚିତ କରିବାକୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ୮ରେ ବାତ୍ୟା ସମ୍ଭାବନା,୧୦ରେ ଛୁଇଁ ପାରେ ଓଡିଶା-ଆନ୍ଧ୍ର ଉପକୂଳ

ଭୁବନେଶ୍ୱର, ୬।୫(ପି.ଏନ): ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ ୮ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହା ୧୦ ସୁଦ୍ଧା ଉପକୂଳ ଛୁଇଁପାରେ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଆଜି ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ଅବପାତରେ ପରିଣତ ହେବ । ଏହାପରେ ୮ ତାରିଖ ସନ୍ଧ୍ୟାରେ ବାତ୍ୟାର ରୂପ ନେଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଅନ୍ୟ ପକ୍ଷରେ ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଲଘୁଚାପ କ୍ଷେତ୍ରଟି ୮ ସନ୍ଧ୍ୟା ସୁଦ୍ଧା ବାତ୍ୟାରେ ପରିଣତ ହୋଇପାରେ । ପରେ ତାହା ଉତ୍ତର-ପଶ୍ଚିମ ଦିଗରେ ଗତି ଜାରି ରଖି ୧୦ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବ । ଯାହାକି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଉପକୂଳ ନିକଟବର୍ତ୍ତୀ ସମୁଦ୍ର। ତେବେ ବାତ୍ୟା କେଉଁ ଉପକୂଳ ଛୁଇଁବ, କେବେ ଛୁଇଁବ ଓ ତୀବ୍ରତା କେତେ ରହିବ ତାହା ଆଜି ସ୍ପଷ୍ଟ ହୋଇନାହିଁ ବୋଲି ସେ କହିଛନ୍ତି ।

## ବାତ୍ୟା ମୁକାବିଲା ପାଇଁ ଶକ୍ତି ବିଭାଗ ପ୍ରସ୍ତୁତ : ମନ୍ତ୍ରୀ

ଭୁବନେଶ୍ୱର, ୬।୫(ପି.ଏନ): ସମ୍ଭାବ୍ୟ ବାତ୍ୟାର ମୁକାବିଲାକୁ ନେଇ ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଶକ୍ତି ବିଭାଗ ପ୍ରସ୍ତୁତ। ବାତ୍ୟା ପୂର୍ବ,ବାତ୍ୟା ସମୟ ଓ ବାତ୍ୟା ପରବର୍ତ୍ତୀ ମୁକାବିଲା ନେଇ ୱାରରୁମ୍ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ମଧ୍ୟ କମ୍ ସମୟରେ ଶକ୍ତି ସଂଯୋଗ କରିବାରେ ବିଭାଗ ସଫଳ ହୋଇଛି। ଏବେ ବି ପ୍ରସ୍ତୁତ। ସବୁ ପ୍ରକାର ପଦକ୍ଷେପ ନିଆଯାଇଛି ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି।ସେହିପରି ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ନେଇ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଓପିଟି ସିଲ୍ ଓ ଅନ୍ୟ ଡିଷ୍ଟ୍ରିବ୍ୟୁସନ୍ ସଂସ୍ଥା ପ୍ରସ୍ତୁତ ଅଛନ୍ତି। ମନିଟର ମେକାନିଜମ ଆରମ୍ଭ ହୋଇଛି। ପର୍ଯ୍ୟାପ୍ତ ପରିମାଣର ମ୍ୟାଟେରିଆଲ ଅଛି। କର୍ମଚାରୀଙ୍କୁ ପଠାଇବା ପାଇ ବ୍ୟବସ୍ଥା କରାଯାଇଛି। ଗତ ବାତ୍ୟା ସମୟରେ ୯୯.୫ ପ୍ରତିଶତ ଉପଭୋକ୍ତାଙ୍କୁ ୫ ଦିନ ମଧ୍ୟରେ ସଂଯୋଗ ଦିଆଯାଇଥିଲା। ଚଳିତ ଥର ଯଦି ସେପରି ସ୍ଥିତି ଆସେ ଅଧିକ ଶୀଘ୍ର କରିବାକୁ ବ୍ୟବସ୍ଥା ହୋଇଛି। ସେନେଇ ବିଭାଗ ପ୍ରସ୍ତୁତି ହୋଇଛି। ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ୟୁନିଟକୁ କିପରି ଶକ୍ତି ସଂଯୋଗ ନ କଟିବ ସେ ନେଇ ବ୍ୟବସ୍ଥା ହୋଇଛି। ଯଦି ସମସ୍ୟା ଉପୁଜେ ପ୍ରାଥମିକତା ଭିତିରେ କିପରି ସେଠାକୁ ସଂଯୋଗ ଦିଆଯିବ ଓ କିପରି ଯଥାଶୀଘ୍ର ସଂଯୋଗ ଦିଆଯିବ ସେ ନେଇ ବ୍ୟବସ୍ଥା କରାଯାଇଛି।

## ଏକ ମାସ ମଧ୍ୟରେ ୩୦ ହଜାର ପଟ୍ଟା ବଂଟନ, ୧୦୪୨ କୋଟି ରାଜସ୍ୱ ଆଦାୟ

ଭୁବନେଶ୍ୱର, ୬।୫(ପି.ଏନ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଏପ୍ରିଲ ୨ ତାରିଖରୁ ପ୍ରତ୍ୟେକ ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ହେଉଛି ମେ ମାସ ୪ ତାରିଖ ମଧ୍ୟରେ ୧୬ଟି ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ସମାପ୍ତ ହୋଇଛି। ଗତ ଏକ ମାସ ମଧ୍ୟରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ୩୦,୦୦୦ ପଟ୍ଟା ଲୋକମାନଙ୍କୁ ତହସିଲ ମାଧ୍ୟମରେ ବଂଟନ ହୋଇଛି । ସେହିପରି ୫,୦୦୦ ଘରବାଡ଼ି ପଟ୍ଟା ମଧ୍ୟ ଗତ ଏକ ମାସ ମଧ୍ୟରେ ବଣ୍ଟନ ହୋଇଛି। ସେହିପରି ଦାଖଲ ଖାରଜ ମାମଲା ଓଡିଶା ଲୋକସେବା ଅଧିନିୟମ ସମୟସୀମା ମଧ୍ୟରେ ସମାପ୍ତ ହୋଇ ଲୋକମାନଙ୍କୁ ପଟ୍ଟା ମିଳିପାରୁଛି। ସେହିପରି ଗତ ଏକ ମାସ ମଧ୍ୟରେ ୪,୫୦,୦୦୦ ଜାତିଗତ ଓ ବିବିଧ ପ୍ରମାଣପତ୍ର ଆବଂଟନ କରାଯାଇଛି। ରାଜସ୍ୱ ବିଭାଗର ନିୟମିତ ସମୀକ୍ଷା ଫଳରେ ନର୍ବାଚନ ସତ୍ତ୍ୱେ ଲଘୁ ଖଣିଜ ସଂପଦରୁ ୧୦୪୨ କୋଟି ରାଜସ୍ୱ ଆଦାୟ ହୋଇଛି । ସେହିପରି ବହୁ ଲଘୁ ଖଣିଜ ସମ୍ପଦ ଉତ୍ସର ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରୁ ଅନୁମୋଦନ ତ୍ୱରାନ୍ୱିତ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବସତ୍ୟବ୍ରତ ସାହୁ ଅଧିକରୁ ଅଧିକ ଲଘୁ ଖଣିଜ ସମ୍ପଦ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପ ଯଥା- ସୁବର୍ଣ୍ଣରେଖା, ଆନନ୍ଦପୁର ବ୍ୟାରେଜ, କାନପୁର, ଦେଓ, ରେଙ୍ଗାଲୀ ବାମ ଓ ଦକ୍ଷିଣ, ଲୋୟର ସୁକତେଲ, ଛେଲିଗଡ଼, ତେଲେଙ୍ଗିରି, ରେତ ଓ ହାଡୁଆ ପ୍ରକଳ୍ପର ଜମି ଅଧିଗ୍ରହଣରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି ।

## ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତ ଗିରଫ

ଭୁବନେଶ୍ୱର, ୬।୫(ପି.ଏନ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତ ଗିରଫ ହୋଇଛନ୍ତି। ଏହାସହ ତାଙ୍କ ପତ୍ନୀଙ୍କ ନାଁରେ ମଧ୍ୟ ମାମଲା ରୁଜୁ କରିଛି ଭିଜିଲାନ୍ସ। ଆୟ ବହିଃର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଶ୍ରୀ ରାଉତଙ୍କ ଗୁରୁବାର କଟକ ଓ ଖୋର୍ଦ୍ଧା ଜିଲ୍ଲାର ୯ ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ। ଚଢାଉ ସମୟରେ ତାଙ୍କର ୯୧ ଟି ପ୍ଲଟ୍ ସମେତ ୭ କୋଟି ଟଙ୍କାର ଆୟବହିର୍ଭୁତ ସମ୍ପତି ଠାବ କରିଥିଲା ଭିଜିଲାନ୍ସ ବିଭାଗ। ଏନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଜଶବନ୍ତ ଜେଠଓ୍ୱା ସୂଚନା ଦେଇଛନ୍ତି ।

## ଗୀତାଞ୍ଜଳି ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି

ଭୁବନେଶ୍ୱର, ୬।୫(ପି.ଏନ): ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ନିଯୁକ୍ତି ମିଳିଛି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି ।ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ଚାରି ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପ୍ରଫେସର ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ରହିବେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଗୀତାଞ୍ଜଳି ଦାଶଙ୍କର ୩୬ ବର୍ଷରୁ ଅଧିକ ସମୟର ଶିକ୍ଷାଦାନ ଅଭିଜ୍ଞତା ରହିଛି। ଏଥିସହିତ ସେ [illegible] ଗିରଫ ହୋଇଛନ୍ତି। ଏହାସହ ତାଙ୍କ ପତ୍ନୀଙ୍କ ନାଁରେ ମଧ୍ୟ ମାମଲା ରୁଜୁ କରିଛି ଭିଜିଲାନ୍ସ। ଆୟ ବହିଃର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଶ୍ରୀ ରାଉତଙ୍କ ଗୁରୁବାର କଟକ ଓ ଖୋର୍ଦ୍ଧା ଜିଲ୍ଲାର ୯ ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ। ଚଢାଉ ସମୟରେ ତାଙ୍କର ୯୧ ଟି ପ୍ଲଟ୍ ସମେତ ୭ କୋଟି ଟଙ୍କାର ଆୟବହିର୍ଭୁତ ସମ୍ପତି ଠାବ କରିଥିଲା ଭିଜିଲାନ୍ସ ବିଭାଗ। ଏନେଇ ଭିଜିଲାନ୍ସ ନିର୍ଦ୍ଦେଶକ ଜଶବନ୍ତ ଜେଠଓ୍ୱା ସୂଚନା ଦେଇଛନ୍ତି।

## ଶୁଷ୍କ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁଏନ୍‌ଡିପି ସହିତ ନଗର ଉନ୍ନୟନ ବିଭାଗର ସହିତ ଚୁକ୍ତିନାମା

ଭୁବନେଶ୍ୱର, ୬।୫(ପି.ଏନ): ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର ଆଜି ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନଡିପି) ସହିତ ଓଡିଶା ରାଜ୍ୟରେ ସ୍ଥାୟୀ ଏବଂ ଅନ୍ତର୍ଭୂକ୍ତ ଶୁଷ୍କ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି ।ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଗୃହ ଓ ନଗର ଉନ୍ନୟନ ବିଭାଗ, ମୁଖ୍ୟ ଶାସନ ସଚିବ ଜି ମାଥିଭଥନନଙ୍କ ଏକ ଭର୍ଚୁଆଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ଆଡମିନିଷ୍ଟ୍ରେସନ ତଥା ମିଶନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ, ସ୍ୱଚ୍ଛ ଭାରତ ମିଶନ (ସହରୀ) ଏବଂ ୟୁଏନଡିପିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ଚାରିବର୍ଷର ଏହି ସହଯୋଗରେ, ୟୁଏନଡିପି ସମ୍ପଦ କେନ୍ଦ୍ର ପାଇଁ ସହଯୋଗ କରିବା ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସହିତ ପୁନଃ ବ୍ୟବହାର ଯୋଗ୍ୟ ଶୁଖିଲା ବର୍ଜ୍ୟବସ୍ତୁରେ ମୂଲ୍ୟ ଯୋଗାଇବା ପାଇଁ ଘରୋଇ ନିବେଶ ସହିତ ଡାଉନ୍ ଷ୍ଟ୍ରିମ୍ ସୁବିଧା ସ୍ଥାପନ କରିବାରେ ଓଡିଶା ସରକାରଙ୍କ ବୈଷୟିକ ଭାଗିଦାରୀ ହେବ। ସହଭାଗୀତା ମଧ୍ୟ ଉନ୍ନତ କାର୍ଯ୍ୟ ଅବସ୍ଥା, ଉନ୍ନତ ପ୍ରୋତ୍ସାହନ ଏବଂ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସୁନିଶ୍ଚିତ କରିବା ପାଇଁ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା ସହିତ ଜଡିତ କମ୍ୟୁନିଟି ପାର୍ଟନରଙ୍କ ଡିଜିଟାଲ କୌଶଳ ସହିତ ପ୍ରୋତ୍ସାହନ, ଦକ୍ଷତା ବୃଦ୍ଧି ଏବଂ ଦକ୍ଷତା ବୃଦ୍ଧି ପାଇଁ ଇଚ୍ଛା କରେ ।ଏହା ବୃତାକାର ଅର୍ଥନୀତିକୁ ସୁନିଶ୍ଚିତ କରିବ ଏବଂ ବର୍ଜ୍ୟବସ୍ତୁ ଚୟନକାରୀ ଏବଂ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଅତିରିକ୍ତ ଜୀବିକା ସୁଯୋଗ ସୃଷ୍ଟି କରିବ । ଏହା ସହରାଞ୍ଚଳରେ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣର ସଂଗ୍ରହ ଦକ୍ଷତାକୁ ମଧ୍ୟ ଉନ୍ନତ କରିବ ଏବଂ ବର୍ଜ୍ୟବସ୍ତୁରୁ ଉତ୍ପାଦନକୁ ଉନ୍ନତ କରିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ଯେ ନିକଟ ଅତୀତରେ କଠିନ ବର୍ଜ୍ୟବସ୍ତୁ ପରିଚାଳନାରେ ଓଡିଶା ରାଜ୍ୟ ଅଗ୍ରଗତି କରିଛିୟ ଏହି ସହଭାଗୀତା ହେଉଛି ବୃତାକାର ଅର୍ଥନୀତି ହାସଲ କରିବା ପାଇଁ ସାରା ରାଜ୍ୟରେ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା ସୁଦୃଢ଼ କରିବାରେ ସହରାଂଚଳ-ଗ୍ରାମୀଣ ସମ୍ମିଶ୍ରଣକୁ ସୁନିଶ୍ଚିତ କରିବା ଆମର ଦୃଷ୍ଟିକୋଣର ପ୍ରତିଫଳନ ।ଦକ୍ଷ ଶୁଖିଲା ବର୍ଜ୍ୟବସ୍ତୁ ପରିଚାଳନା ଅର୍ଥନୀତି, ଲୋକ ଏବଂ ପରିବେଶ ପାଇଁ ଅନେକ ସୁଯୋଗ ଏବଂ ଲାଭ ପ୍ରଦାନ କରିଥାଏ। ବର୍ଜ୍ୟବସ୍ତୁ ଲୋକଙ୍କ ଜୀବନ ଉପରେ ଏକ ଚିରସ୍ଥାୟୀ ପ୍ରଭାବ ପକାଉଥିବା ବେଳେ ୟୁଏନଡିପି ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା ମଡେଲଗୁଡିକ ପାଇଁ ସ୍କେଲ୍ ଅପ୍ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆମେ ସରକାରଙ୍କୁ ଧନ୍ୟବାଦ ଦେଉଛୁ। ଏହି ସହଭାଗୀତା ପାଇଁ ଓଡିଶା, ୟୁଏନଡିପି ଭାରତର ଦେଶ ମୁଖ୍ୟ ଶ୍ରୀମତୀ ଶୋକୋ ନୋଡା କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଜି ମାଥିଭଥାନନ କହିଛନ୍ତି ଯେ ୟୁଏନଡିପି ସହିତ ଏହି ସହଭାଗୀତା ଦ୍ୱାରା ଶୁଷ୍କ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁଦୃଢ଼ କରିବ ଏବଂ କମ୍ୟୁନିଟି ପାର୍ଟନରଙ୍କ ପାଇଁ ଉନ୍ନତ ଦକ୍ଷତା ବୃଦ୍ଧି ସହିତ ଅଧିକ ଆୟ ଏବଂ ଅଧିକ ଚାକିରି ସୁଯୋଗ ସୁନିଶ୍ଚିତ କରିବ।

## ରାଜ୍ୟରେ ୬୦ ଲକ୍ଷ ମହିଳା ଡିଜିଟାଲ ଏବଂ ଆର୍ଥିକ ଦୃଷ୍ଟିରୁ ହେବେ ସଶକ୍ତ

ଭୁବନେଶ୍ୱର, ୦୬।୫(ପି.ଏନ): ଓଡ଼ିଶାରେ ମହିଳାମାନଙ୍କର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ଲିଙ୍ଗଗତ, ଆର୍ଥିକ ଓ ସାମାଜିକ ଅସମାନତାକୁ ଦୂର କରିବା ଦିଗରେ ପଦକ୍ଷେପ ନେଇ ଆଜି ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଏବଂ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି ଭାରତ (ୟୁଏନ୍‌ଏଫ୍‌ପିଏ) ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି । "ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଓଡ଼ିଶାରେ ମହିଳାଙ୍କ ସାମାଜିକ ସଶକ୍ତିକରଣ'' ଶୀର୍ଷକ ଏହି ପଦକ୍ଷେପ ଏକ ବିସ୍ତୃତ ଯୋଜନା ଏବଂ ସୁଦୃଢ଼ ଭିତିଭୂମି ଦ୍ୱାରା ସମର୍ଥିତ । ଏହି ସ୍ୱତନ୍ତ୍ର ଯୋଜନା ମିଳିତ ଜାତିସଂଘର ୨୦୩୦ କାର୍ଯ୍ୟସୂଚୀ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ(ଏସ୍‌ଡିଜି), ବିଶେଷକରି ଲକ୍ଷ୍ୟ-୩(ଉତମ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ)ଏବଂ ଲକ୍ଷ୍ୟ-୫(ଲିଙ୍ଗଗତ ସମାନତା)କୁ ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଓଡ଼ିଶାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହିତ ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏହି ତିନି ବର୍ଷିଆ ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଡିଜିଟାଲ ସାକ୍ଷରତା ମହିଳାମାନଙ୍କୁ ଅଧିକ ସଂଯୋଜିତ, ସୂଚିତ ଏବଂ ବାହ୍ୟଜଗତ ସହିତ ଜଡ଼ିତ ଓ ଯୋଗାଯୋଗ ରକ୍ଷା କରିବାରେ ସାହାଯ୍ୟ କରିବ । ଏହି କାର୍ଯ୍ୟକ୍ରମ ମହିଳାମାନଙ୍କ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ନୂତନ ମାର୍ଗ ଖୋଜିବାରେ ସହାୟତା ଦେବା ସହ ଅନ୍‌ଲାଇନରେ ଉପଲବ୍ଧ ବିଭିନ୍ନ ସେବା ଏବଂ କଲ୍ୟାଣକାରୀ ଯୋଜନା ବିଷୟରେ ଅଧିକ ତଥ୍ୟ ଓ ସୂଚନା ପାଇବାରେ ସହାୟକ ହେବ। ଆର୍ଥିକ ସାକ୍ଷରତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସଠିକ୍ ଜ୍ଞାନ କୌଶଳର ବ୍ୟବହାର ମାଧ୍ୟମରେ ଟଙ୍କା ପଇସାର କୁଶଳ ପରିଚାଳନା କରିବାରେ ସାହାଯ୍ୟ କରିବ। ସ୍ୱୟଂ ସହାୟିକା ସଦସ୍ୟାମାନଙ୍କର ଆର୍ଥିକ ପରିଚାଳନା ଯଥା ସଂଚୟ ଓ ନିବେଶ ଭଳି କ୍ଷମତା ବୃଦ୍ଧିରେ ସହାୟତା ପ୍ରଦାନ କରିବ । ଏହି ଆଭିମୁଖ୍ୟରେ ୟୁଏନ୍‌ଏଫ୍‌ପିଏ ସହିତ ସ୍ୱାକ୍ଷରିତ ଏହି ଚୁକ୍ତିନାମା ପ୍ରାୟ ୬ ଲକ୍ଷ ମହିଳାଙ୍କୁ ବିଭିନ୍ନ ଡିଜିଟାଲ ଏବଂ ଆର୍ଥିକ କୌଶଳ(ଯେପରିକି ଅନ୍‌ଲାଇନ ଜନସେବା, ବ୍ୟାଙ୍କିଙ୍ଗ୍ ସେବା ଏବଂ ସୋସିଆଲ ମିଡିଆ ଆଦିର ବ୍ୟବହାର)ରେ ଦକ୍ଷ କରିବ । ଡିଜି ଶକ୍ତି ଭାବରେ ପରିଚିତ ଏହି ମହିଳାମାନେ ଲକ୍ଷ ଲକ୍ଷ ମହିଳାଙ୍କୁ ସମାନ ଜ୍ଞାନକୌଶଳ ଉପରେ ତାଲିମ ଦେବେ । ଏହି ଯୋଜନା ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେବା ଦ୍ୱାରା ଆଦିବାସୀ ତଥା ଅନୁସୂଚିତ ଜାତି ସମ୍ପ୍ରଦାୟ ତଥା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ଗରିବ ପରିବାରର ମହିଳାମାନେ ଲାଭବାନ ହେବେ। ଏହି ପ୍ରକଳ୍ପ ୨,୫୦,୦୦୦ରୁ ଅଧିକ ମହିଳାଙ୍କୁ ପ୍ରଜନନ ତଥା ସେମାନଙ୍କର ସମାଜିକ ଅଧିକାର ବିଷୟରେ ସୂଚିତ କରିବା ସହିତ ସେମାନଙ୍କୁ ସାମ୍ପ୍ରଦାୟିକ ହିଂସା, ଭେଦଭାବ ଏବଂ ବାଲ୍ୟବିବାହ, ଯୌତୁକ ପରି ସାମାଜିକ କୁପ୍ରଥାର ମୁକାବିଲା କରିବା ଦିଗରେ ସହାୟତା ଦେବ । ଏହି ଚୁକ୍ତି ସ୍ୱାକ୍ଷର ଅବସରରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର. କାର୍ତିକେୟନ କହିଛନ୍ତି "ଆମର ଅଭିଜ୍ଞତାରୁ ଜଣାଯାଏ ଯେ, ମହିଳାମାନଙ୍କର ସାମାଜିକ ଏବଂ ଆର୍ଥିକ ସଶକ୍ତିକରଣରେ ବିନିଯୋଗ ସାମୂହିକ ସାମାଜିକ ପ୍ରଗତି ସ୍ଥାନୀୟ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶକୁ ବିପୁଳ ଲାଭ ମିଳିଥାଏ । ମିଶନ୍ ଶକ୍ତି ଏବଂ ୟୁଏନ୍‌ଏଫ୍‌ପିଏ ମଧ୍ୟରେ ଏହି ସମୟାନୁବର୍ତୀ ଓ ଗୁରୁତ୍ୱପୂର୍ଣ୍ଣ ସହଭାଗିତା 'ସଶକ୍ତ ମହିଳା, ସଶକ୍ତ ଓଡ଼ିଶା' ଲକ୍ଷ୍ୟ ଅଭିମୁଖୀ ଯାତ୍ରା ନିମନ୍ତେ ବିଶେଷ ସହାୟକ ହେବ। ଏହି ଅବସରରେ ୟୁଏନ୍‌ଏଫ୍‌ପିଏ ଇଣ୍ଡିଆର ପ୍ରତିନିଧି ଆଣ୍ଡ୍ରେୟା ଏମ୍ ୱୋଜନାର କହିଛନ୍ତି ଯେ "ଏହି ଦୂରଦୃଷ୍ଟିକୁ ଆଖିରେ ରଖି ମିଶନ ଶକ୍ତି ପ୍ରକଳ୍ପ ସହିତ ୬୦ ଲକ୍ଷରୁ ଅଧିକ ମହିଳା ଡିଜିଟାଲ ଏବଂ ଆର୍ଥିକ ଦକ୍ଷତା ହାସଲ କରିବା ସହିତ ସେମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ଉପରେ ନିୟନ୍ତ୍ରଣ ରଖିବାରେ ସମର୍ଥ ହେବେ। ଏହା ଉଭୟ ମହିଳା ଓ ଓଡ଼ିଶାର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ନିଶ୍ଚିତ ବିଜୟ ଭାବେ ଗଣା ହେବ।

## ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଽ ମାଳତୀ ବିଶ୍ୱାଳ

ବଡ଼ବାଲିକୁଦା, ଯାଜପୁର

ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆମେ ସମସ୍ତେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ତୁମ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ସ୍ୱାମୀ- ନୃସିଂହ ଚରଣ ବିଶ୍ୱାଳ, ଫକିର,
ଅକ୍ରୁର, ପ୍ରଫୁଲ୍ଲ, ଜନ୍ମେଞ୍ଜୟ,ଅରୁଣ,
ତ୍ରୈଲୋକ୍ୟ,ନାରାୟଣ, ଅଞ୍ଜନ, ସୁଧାଂଶୁ,
ମନୋରଞ୍ଜନ, ବିଜୟ, ଦିଲ୍ଲୀପ, ଅମର ଓ
ଅନ୍ୟାନ ପରିବାର ସଦସ୍ୟ ତଥା
ବନ୍ଧୁବାନ୍ଧବ ବର୍ଗ










# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଲି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମେ' ୦୭

# କବିଗୁରୁ ରବୀନ୍ଦ୍ରନାଥ





୧୯୧୩ରେ ଗୁରୁଦେବ ରବୀନ୍ଦ୍ରନାଥ ଠାକୁରଙ୍କୁ ସାହିତ୍ୟରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ନୋବେଲ୍ ପାଇଥିବା ପ୍ରଥମ ଅଣ-ୟୁରୋପୀୟ । ୨୫ ମାର୍ଚ୍ଚ ୨୦୦୪ରେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟର ଏକ ସିନ୍ଦୁକ ଭିତରେ ସୁରକ୍ଷିତ ଥିବା ଗୁରୁଦେବଙ୍କ ନୋବେଲ ପଦକ ଏବଂ କେତେକ ବ୍ୟକ୍ତିଗତ ସାମଗ୍ରୀ ଚୋରି ହୋଇଯାଇଥିଲା । ସେହି ବର୍ଷ ୭ ଡିସେମ୍ବରରେ ସୁଇସ୍ ଆକଡ଼େମି ତାଙ୍କ ନୋବେଲ ପଦକର ଦୁଇ ଦୁଇଟି ଅବିକଳ ନକଲ (ଗୋଟିଏ ସୁବର୍ଣ୍ଣ ଓ ଅନ୍ୟଟି ବ୍ରୋଞ୍ଜ) ବିଶ୍ୱ ଭାରତୀୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ବାଙ୍ଗଲା ଭାଷାଭାଷୀ ଅଞ୍ଚଳର ସାହିତ୍ୟ ଓ ସଂଗୀତକୁ ସେ ଏକ ନୂତନ ରୂପ ଦେଇଥିଲେ ତଥା ଗଭୀର ଭାବେ ପ୍ରଭାବିତ କରିଥିଲେ । ସେ କଥିତ ବାଙ୍ଗ୍ଲାରେ ଲେଖାଲେଖି କରି ଏକ ନୂତନ ଧାରା ପ୍ରଚଳନ କରିଥିଲେ । ମାତ୍ର ଆଠ ବର୍ଷ ବୟସରେ ସେ କବିତା ଲେଖା ଆରମ୍ଭ କରିଥିଲେ । ଷୋହଳ ବର୍ଷ ବୟସରେ ଭାନୁସିଂହ ଛଦ୍ମନାମରେ ତାଙ୍କର ପ୍ରଥମ କବିତା ପୁସ୍ତକ ପ୍ରକାଶିତ ହୋଇଥିଲା । ତାହାପରେ ପରେ ସେ ଗଳ୍ପ ଓ ନାଟକ ଲେଖାରେ ମନ ଦେଇଥିଲେ ।

ସେ ବ୍ରିଟିଶ ସାମ୍ରାଜ୍ୟବାଦର ତୀବ୍ର ବିରୋଧୀ ଏବଂ ଭାରତୀୟ ଜାତୀୟତାବାଦର ସମର୍ଥକ ଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାକୁ ସେ ଭାରତୀୟ ସାମାଜିକ ବ୍ୟାଧିର ରାଜନୈତିକ ଲକ୍ଷଣ ଭାବେ ଅଭିହିତ କରିଥିଲେ । ଶିକ୍ଷାକୁ ସେ ଆଜୀବନ ପ୍ରାଧାନ୍ୟ ଦେଇଥିଲେ । ଉପଯୁକ୍ତ ଶିକ୍ଷା ବିନା ସମସ୍ତ ପ୍ରକାରର ବିପ୍ଳବ ଅର୍ଥହୀନ ବୋଲି ସେ କହୁଥିଲେ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ସେ ପଞ୍ଜୁରି ଭିତରେ ବନ୍ଦୀ ଶୁଆକୁ ତାଲିମ ସହ ତୁଳନା କରିଥିଲେ । ଶିକ୍ଷାକୁ ପାଠ୍ୟକ୍ରମ ଓ ପୁସ୍ତକ ବାହାରକୁ ନେବା ପାଇଁ ସେ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ବୈପ୍ଳବିକ ଚିନ୍ତାଧାରା ଯୋଗୁଁ ସେ ଶ୍ରେଣୀ ବିଦ୍ୱେଷର ଶିକାର ମଧ୍ୟ ହୋଇଥିଲେ ।

୧୯୧୬ରେ ଆମେରିକାର ସାନ୍ ଫ୍ରାନ୍‌ସିସ୍‌କୋରେ ଏକ ହୋଟେଲ୍‌ରେ ଅବସ୍ଥାନ କାଳରେ ଗୁରୁଦେବଙ୍କୁ ହତ୍ୟା କରିବାକୁ ଉଦ୍ୟମ ହୋଇଥିଲା ତେବେ ଷଡ଼ଯନ୍ତ୍ରକାରୀମାନେ ସଫଳ ହୋଇପାରିନଥିଲେ । ସେ ବ୍ରିଟିଶ ବିରୋଧୀ ଥିଲେ ଏବଂ ଜର୍ମାନୀ ଓ ଜାପାନ ପରି ରାଷ୍ଟ୍ର ଆଡୁ ରାଜନୈତିକ ସହାୟତା ସପକ୍ଷରେ ଥିଲେ । ଏହା ସତ୍ତ୍ୱେ ବ୍ରିଟିଶ ସରକାର ୧୯୧୫ରେ ତାଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ । ଜଲିୟାଁୱାଲାବାଗ ଗଣହତ୍ୟା ଦ୍ୱାରା ବ୍ୟଥିତ ହୋଇ, ପ୍ରତିବାଦ ସ୍ୱରୂପ ୧୯୧୯ରେ ସେ ନାଇଟ୍ ଉପାଧି ଫେରାଇ ଦେଇଥିଲେ । ଗୁରୁଦେବଙ୍କ ଦୁଇଟି କବିତା ଜନଗଣ ମନ.... ଓ ଆମାରା ସୋନାର ବାଙ୍ଗଲା...' କୁ ଯଥାକ୍ରମେ ଭାରତ ଏବଂ ବାଙ୍ଗଲାଦେଶର ଜାତୀୟ ସଂଗୀତ ଭାବେ ମନୋନୀତ କରାଯାଇଥିଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସେ ରଚନା କରିଥିଲେ, ଚିତ୍ତୋ ଜେଠା ଭୟଶୂନ୍ୟୋ ଯେଉଁଠାରେ ମନ ଭୟମୁକ୍ତ ଏବଂ ଏକଲା ଚଲୋ ରେ ଯଦି ତୁମ ଡାକର ଉତ୍ତର ମିଳୁନାହିଁ ଏକା ଆଗେଇ ଚାଲ । ମହାତ୍ମା ଗାନ୍ଧୀଙ୍କୁ ଏହି ଦ୍ୱିତୀୟ ପଦ୍ୟ ଗଭୀର ଭାବେ ପ୍ରଭାବିତ କରିଥିଲା । ଗୁରୁଦେବ ଜାତିପ୍ରଥାର ଘୋର ବିରୋଧୀ ଥିଲେ । ତାଙ୍କର ରଚନାରେ ଏହାର ସ୍ପଷ୍ଟ ଝଲକ ଦେଖିବାକୁ ମିଳେ । କେରଳର ଗୁରୁବାୟୁର ମନ୍ଦିରରେ ଦଳିତଙ୍କ ପ୍ରବେଶ ପାଇଁ ସେ ସଂଗ୍ରାମ କରି ଜିଣିଥିଲେ । ୧୮୬୧ ମେ ଆଜିର ଦିନରେ କାଲକାତାସ୍ଥିତ ଜୋଡ଼ାସାଁକୋ ଠାକୁରବାଡ଼ିରେ ଗୁରୁଦେବ ଜନ୍ମ ହୋଇଥିଲେ ।

**ଡଃ. ଅରୁନ୍ଧତୀ ଦେବୀ**, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

## ଆଜିର ଅନୁଚିନ୍ତା

*ସୂର୍ଯ୍ୟଙ୍କ ଭଳି ନିରପେକ୍ଷ ହୁଅ, ଗୋମାତା ଭଳି ଦୟାଶୀଳ ହୁଅ, ଫୁଲ ଭଳି ନିଜକୁ ହସ ହସ ରଖ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତିନି ମାସରେ ଋଷ-ୟୁକ୍ରେନ ଯୁଦ୍ଧ !

ଡାଃ ସୁରେନ୍ଦ୍ର ନାଥ ଦାଶ



ଚାହୁଁ ଚାହୁଁ ଋଷ-ୟୁକ୍ରେନ ଯୁଦ୍ଧ ଦୁଇମାସ ସରି ତୃତୀୟ ମାସରେ ପଦାର୍ପଣ କଲା । ଯୁଦ୍ଧ ସରିବାର ନାଁ ଗନ୍ଧ ଜଣାଯାଉନି । ଫେବୃୟାରୀ ୨୪ ତାରିଖ ଦିନ ବିଶ୍ୱର ଅନ୍ୟତମ ମହାଶକ୍ତି ଋଷିଆ ଯେଉଁ ଦମ ଦେଖାଇ ଅନାୟାସରେ କ୍ଷୁଦ୍ର ଦେଶ ୟୁକ୍ରେନକୁ କବ୍‌ଜାକୁ ନେବ ବୋଲି ଦମ୍ଭ ଦେଖାଉଥିଲା, ତାହା ପାଣିଫୋଟକା ପରି ମିଳାଇ ଯାଇଛି । ଆଜି ମେ' ଛଅ ତାରିଖ ଦିନକୁ ଯୁଦ୍ଧ ଆରମ୍ଭ ହୋଇ ୭୦ ଦିନ ହୋଇଗଲାଣି । ଉଭୟ ପକ୍ଷ ଥକି ପଡିଲେଣି । ହଜାର ହଜାର ସୈନ୍ୟ ମରିଲେଣି । ବିଭବଶାଳୀ ଦେଶ ୟୁକ୍ରେନ ସଂପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ହେଲାଣି । ଘରଦ୍ୱାର, ବଜାର, କଳକାରଖାନା, ବନ୍ଦର, ରେଳ ଷ୍ଟେସନ, ଶସ୍ୟ କ୍ଷେତ୍ର, ଶିକ୍ଷାନୁଷ୍ଠାନ, ଆଣବିକ କେନ୍ଦ୍ର ସବୁ ଧ୍ୱଂସ ହେଲାଣି । ୫.୫ ମିଲିଅନ ଲୋକ ଦେଶ ଛାଡି ଶରଣାର୍ଥୀ ହୋଇ ଅନ୍ୟ ଦେଶରେ ରହୁଛନ୍ତି । ତଥାପି ଉଭୟ ଦେଶ ନିଜ ଜିଦରେ ଅଟଳ । ୧୯୯୧ ପୂର୍ବରୁ ଋଷିଆ ସହ ଅନ୍ୟ ୧୪ଟି ରାଷ୍ଟ୍ର ମିଶି ୟୁ.ଏସ.ଏସ.ଆର. ବା ସୋଭିଏତ ସାମ୍ୟବାଦୀ



ରାଷ୍ଟ୍ରସଂଘ ଗଠିତ ହୋଇଥିଲା । ଏମାନେ କମ୍ୟୁନିଷ୍ଟ ଦଳ ଦ୍ୱାରା କଠୋର ନୀତିରେ ଶାସିତ ହେଉଥିଲେ । ଦ୍ୱିତୀୟ ମହାଯୁଦ୍ଧ ବେଳେ ୟୁକ୍ରେନର ରାଜଧାନୀ କିଭରେ ନାଜୀମାନଙ୍କ ଆକ୍ରମଣରେ ୬୦ ଲକ୍ଷ ଲୋକ ନିହତ ହୋଇଥିଲେ । ୪ ବର୍ଷ ଧରି ଏହା ନାଜୀମାନଙ୍କ ଅଧିନରେ ରହିଲା । ଅନେକ କଷ୍ଟ ସହି ଋଷିଆ ଓ ୟୁକ୍ରେନ କାନ୍ଧ ମିଶାଇ ଲଢେଇ କରି ନାଜୀମାନଙ୍କୁ ପରାସ୍ତ କରି ତଡିଦେଲେ । ୟୁକ୍ରେନକୁ ଏସିଆର ଶସ୍ୟଭଣ୍ଡାର କୁହାଯାଏ । ଏହାର ଉର୍ବର ମାଟିରେ ପ୍ରଚୁର ଗହମ ଓ କପା ଉତ୍ପନ୍ନ ହୁଏ । କୃଷ୍ଣସାଗର କୂଳରେ ଅନେକ ତୈଳ ଖଣି ଅଛି । ଏହା ଋଷିଆର ସବୁଠାରୁ ଶିଳ୍ପସମୃଦ୍ଧ ରାଜ୍ୟ ଥିଲା । ବୃହତମ ଆଣବିକ କେନ୍ଦ୍ର ଚେର୍ନୋବିଲ ଏହି ଦେଶରେ । ୧୯୯୧ ମସିହାରେ ସୋଭିଏତ ୟୁନିଅନର ବିଲୟ ଘଟିଲା । ସମସ୍ତ ୧୪ଟି ଦେଶ ଋଷିଆରୁ ପୃଥକ ହୋଇ ସ୍ୱାଧୀନ ହେଲେ । ନିଜର ପ୍ରତିପତି ରକ୍ଷା ପାଇଁ ଋଷିଆ ଦେଶମାନଙ୍କୁ ଏକାଠି କରି ସି.ଆଇ.ଏସ. (Common Independent States) ନାମକ ଫେଡେରସନ ପ୍ରତିଷ୍ଠା କରିଥିଲା । ମାତ୍ର ବେଲାରୁସ ବ୍ୟତିତ ସମସ୍ତେ ସଂଘରୁ ଓହରି ୟୁରୋପୀୟ ୟୁନିଅନ ଓ ଆମେରିକା ନେତୃତ୍ୱରେ ଥିବା ନାଟୋ ସାମରିକ ମେଂଟର ସଦସ୍ୟ ହୋଇଗଲେ । ନାଟୋର ପ୍ରତିଦ୍ୱନ୍ଦ୍ୱୀ ଋଷ ଅଧିନରେ ଥିବା ୱାରସା ମେଂଟର ବିଲୟ ଘଟିଲା । ମହାଶକ୍ତି ରୂପେ ଋଷିଆର ଯେଉଁ ଦମ୍ ଥିଲା ତାହା ଧୂଳିସାତ ହୋଇଗଲା । ଏହି ପତନ ପଛରେ ଯେ ଆମେରିକା ଓ ତାର ବନ୍ଧୁମାନେ ଅଛନ୍ତି, ତାହା ଋଷିଆ ଭାବିନେଲା । ୟୁକ୍ରେନ ଯେତେବେଳେ ଆମେରିକା ଆଡକୁ ମୁହାଁଇଲା ଓ ନାଟୋ ତଥା ୟୁରୋପୀୟ ୟୁନିଅନର ସଦସ୍ୟ ହେବା ଇଚ୍ଛା ପ୍ରକାଶ କଲା, ଋଷ ବାଧାଦେବାକୁ ଚେଷ୍ଟା କଲା । ଋଷିଆ ଜାଣିଥିଲା ତାର ଏକମାତ୍ର ଉଷ୍ମ ଜଳ ପୋତାଶ୍ରୟ (Worm Water Port) କୃଷ୍ଣସାଗରରେ ରହିଛି । ୟୁକ୍ରେନ ହାତଛଡା ହେଲେ ଆମେରିକା ଯେକୌଣସି ସମୟରେ ଜଳପଥ ବନ୍ଦ କରିପାରେ । ଆମେରିକା ସମର୍ଥିତ ତୁର୍କୀ ତା' ଦେଶ ଦେଇ ଯିବା ପାଇଁ ଋଷିଆ ଉପରେ ନାନା ପ୍ରତିବନ୍ଧକ ଲଗାଇଛି (ବସଫରସ ଓ ଦାର୍ଦାନାଲିସ ପ୍ରଣାଳୀ) । ସେଥିପାଇଁ ଋଷିଆ ନିଜ ସମର୍ଥିତ ବ୍ୟକ୍ତିଙ୍କୁ ୟୁକ୍ରେନରେ କ୍ଷମତାରେ ନାନା ଫନ୍ଦି କରି ବସାଇଲା । ମାତ୍ର ନିର୍ବାଚନରେ ବିରୋଧୀ ପ୍ରାର୍ଥୀଙ୍କ ମୃତ୍ୟୁ ଓ ତାହା ବିଷ ପ୍ରୟୋଗ ଋଷିଆ ଦ୍ୱାରା ହୋଇଛି ବୋଲି ଜଣାପଡିବାରୁ, ଦେଶରେ ଋଷ ସମର୍ଥିତ ପ୍ରାର୍ଥୀଙ୍କ ବିରୋଧରେ ଅନେକ ଆନ୍ଦୋଳନ ହେଲା (Orange, Uro Maiden, Dignity Revolution) । ପ୍ରେସିଡେଂଟ ଦେଶ ଛାଡି ପଳାଇଲେ । ୟୁକ୍ରେନର ଏହି ଘଟଣା ଋଷିଆକୁ କ୍ଷୁବ୍ଧ କଲା । ୟୁକ୍ରେନ ଋଷ ବିରୋଧୀ ୟୁରୋପୀୟ ୟୁନିଅନ ଓ ନାଟୋ ସାମରିକ ମେଂଟର ସଦସ୍ୟ ହେବ ବୋଲି ତା' ପାର୍ଲିଆମେଂଟରେ ପ୍ରସ୍ତାବ ଗୃହିତ ହେଲା । ପ୍ରତିଶୋଧ ନେବାକୁ ୨୦୧୪ ମସିହାରେ ଋଷିଆ କୃଷ୍ଣସାଗର କୂଳର କ୍ରିମିଆ ଉପଦ୍ୱୀପକୁ ଅଧିକାର କରିନେଲା । ୟୁକ୍ରେନକୁ ଗ୍ୟାସ ଯୋଗାଣ ବନ୍ଦ କରିଦେଲା । ୟୁକ୍ରେନର ଦୁଇଟି ପ୍ରଦେଶ ଡାନାବେସ ଓ ସାଭାଲାକରେ ଲୋକଙ୍କୁ ମତେଇ ବିଦ୍ରୋହ ଆରମ୍ଭ କରି ସମାନ୍ତରାଳ ଋଷ ସମର୍ଥକ ସରକାର ଗଠନ କରାଇଲା । ନାଟୋର ସଦସ୍ୟ ହେଲେ ଚରମ ପରିଣତି ହେବ ବୋଲି କହି ହଠାତ୍ ୟୁକ୍ରେନ ସୀମାନ୍ତକୁ ସୈନ୍ୟ



ପଠାଇ ଘେରାଉ କରିଦେଲା । ଫେବୃୟାରୀ ୨୪ ତାରିଖ ଦିନ ଆକ୍ରମଣ ଆରମ୍ଭ ହେଲା । ଚାରିଟି ଦିଗରୁ ଋଷ ସେନା ୟୁକ୍ରେନରେ ପ୍ରବେଶ କଲେ । ଉତର ଦିଗରୁ ବେଲାରୁସ ବାଟେ ପଶି ଖୁବ ଶୀଘ୍ର ରାଜଧାନୀ କିଭ ଅକ୍ତିଆର କରି ଯୁଦ୍ଧର ପରିସମାପ୍ତି ଘଟାଇବା ତାର ଲକ୍ଷ୍ୟ ଥିଲା । ଋଷର ବିଶାଳ ଶକ୍ତିଶାଳୀ ସେନା ଓ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନିକଟରେ ଦୁର୍ବଳ ୟୁକ୍ରେନ ଯେ ବେଶି ଦିନ ତିଷ୍ଠି ପାରିବ ନାହିଁ ସେ ବିଷୟରେ ଋଷ ନିଶ୍ଚିତ ଥିଲା । ୟୁକ୍ରେନକୁ ସାହାଯ୍ୟ କଲେ ବିଷମୟ ଫଳ ହେବ, ଦରକାର ହେଲେ ପରମାଣୁ ଅସ୍ତ୍ର ପ୍ରୟୋଗ କରି ତୃତୀୟ ବିଶ୍ୱଯୁଦ୍ଧ ଘଟାଇବ ବୋଲି ଋଷ କହିଲା । ରାଜଧାନୀ ସମେତ ଦେଶର ସବୁଆଡେ ବିମାନରୁ ବମ ପକାଗଲା । ଦୂରଗାମୀ କମାଣରୁ ଗୋଳା ବର୍ଷଣ ହେଲା । ଅନେକ ସହର, ଖାରକିଭ, ମାରିପୋଲ, ଚେରନୋବିଲ, ବୁଚ୍ଛା, ହେଷ୍ଟ୍ରାମେଲ, ମୁକେରାଲେନେ ଋଷ ଆକ୍ରମଣରେ ବ୍ୟାପକ କ୍ଷତି ସହିଲେ । କେତେକ ସହର ଜନଶୂନ୍ୟ (Ghost City) ହୋଇଯାଇଛି । ବନ୍ଦରନଗରୀ ମାରିପୋଲକୁ କବ୍‌ଜା କରିଛି ବୋଲି ଋଷ ଦାବି କରିଛି । ବୁଚ୍ଛା ଠାରେ ନିରୀହ ଲୋକଙ୍କ ଗଣହତ୍ୟା ହୋଇଯାଇଛି । ୬୦ କିମି ଲମ୍ବାରେ ଋଷ ସାମରିକ ଗାଡିମାନ ଆକ୍ରମଣ ପାଇଁ ବେଲାରୁସ ଯାତ୍ରା କରିଛନ୍ତି । ୟୁକ୍ରେନ ପ୍ରେସିଡେଂଟ ଜେଲେନକ୍ସିଙ୍କୁ ହତ୍ୟା ପାଇଁ ଚେଷ୍ଟା କରାଗଲା । ଅନେକ କହିଲେ ସେ ଦେଶ ଛାଡି ପଳାଇଲେଣି । ଋଷ ସେନାରେ ଥିବା କିଛି ଯୁଦ୍ଧବିରୋଧୀ ବ୍ୟକ୍ତିଙ୍କ ସାହାଯ୍ୟରୁ ସେ ରକ୍ଷା ପାଉଛନ୍ତି । ସେ ଋଷକୁ ପ୍ରତିରୋଧ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ । ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଲଢିବାକୁ ସଂକଳ୍ପ ନେଲେ । ୧୮ରୁ ୬୦ ବର୍ଷ ପର୍ଯ୍ୟନ୍ତ ସମସ୍ତ ନାଗରିକ ସୈନ୍ୟବାହିନୀରେ ଯୋଗଦେବେ ବୋଲି ଆଦେଶ ଦେଲେ । ସାହାଯ୍ୟ ଓ ସମର୍ଥନ ପାଇଁ ବିଶ୍ୱବାସୀଙ୍କୁ ଅନୁରୋଧ କଲେ । ୟୁରୋପରେ ତାଙ୍କୁ ଅଭୂତପୂର୍ବ ସମର୍ଥନ ମିଳିଲା । ଯୁଦ୍ଧରେ ପ୍ରତ୍ୟକ୍ଷ ଯୋଗଦେଲେ ତୃତୀୟ ବିଶ୍ୱଯୁଦ୍ଧ ହୋଇଯିବ, ଏହି ଡରରେ ସେମାନେ ଚୁପ୍ ରହିଲେ, ମାତ୍ର ଅର୍ଥ ଓ ଅସ୍ତ୍ରଶସ୍ତ୍ର ପଠାଇଲେ । ନାଟୋ ପ୍ରତ୍ୟକ୍ଷ ସାହାଯ୍ୟ କରିବାକୁ ଦାବି ହେଲେ ମଧ୍ୟ ଆମେରିକା ପଛେଇଗଲା । ଅନେକ କହିଲେ-Nato is Finished. ଏହା ଏକ କାଗଜବାଘ, କାମୁଡିବା କ୍ଷମତା ଆଦୌ ନାହିଁ । ଏ ନେଇ ଆମେରିକାର ଉଦାସୀନତାରେ ତାର ୟୁରୋପୀୟ ବନ୍ଧୁମାନେ ମଧ୍ୟ କ୍ଷୁବ୍ଧ ହେଲେ । ପୋଲାଣ୍ଡ, ରୁମାନିଆ, ହଙ୍ଗେରି ଭଳି ଦେଶରେ ପ୍ରବଳ ସମର୍ଥନ ୟୁକ୍ରେନକୁ ମିଳିଲା । ଆମେରିକା ପ୍ରେସିଡେଂଟ ବିଡେନ ମଧ୍ୟ ବାଧ୍ୟ ହୋଇ ୟୁରୋପ ଆସି ସାହାଯ୍ୟ ପ୍ରତିଶ୍ରୁତି ଦେଇଗଲେ । ପ୍ରେସିଡେଂଟ ଜେଲନେକସିଙ୍କୁ ଆଶ୍ୱାସନା ଓ ସାହାଯ୍ୟ ପ୍ରତିଶ୍ରୁତି ଦେଇଗଲେ । ପ୍ରଥମ ପଦକ୍ଷେପ ସ୍ୱରୂପ ଋଷିଆ ଉପରେ ଆର୍ଥିକ କଟକଣା ଆରମ୍ଭ ହେଲା । ତାର ତେଲ ଆମଦାନୀ ନକରିବାକୁ, ତାକୁ ଖାଦ୍ୟଶସ୍ୟ ନବିକିବାକୁ, ଋଣ ନଦେବାକୁ ଘୋଷଣା କରାଗଲା । ଅନେକ କମ୍ପାନୀ ଋଷିଆ ଛାଡି ଚାଲିଗଲେ । ଜାତିସଂଘରେ କଡା ନିନ୍ଦା ପ୍ରସ୍ତାବ ଗୃହିତ ହେଲା । ଅନେକ ଆର୍ନ୍ତଜାତିକ ଅନୁଷ୍ଠାନରୁ ତାକୁ ବହିଷ୍କାର କରାଗଲା । ତାର ସଂପତିମାନ ବାଜ୍ୟାପ୍ତ କରାଗଲା ।

ଧୀରେଧୀରେ ଆମେରିକା ଓ ୟୁରୋପରୁ ଅସ୍ତ୍ରଶସ୍ତ୍ରମାନ ଆସି ୟୁକ୍ରେନରେ ପହ-ଂଚିବାରେ ଲାଗିଲା । ୟୁକ୍ରେନର ଶରଣାର୍ଥୀମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରାଗଲା । ଯୁଦ୍ଧର ଗତି ବଦଳି ଗଲା । ଧ୍ୱଂସ ରାଶି ମଧ୍ୟରେ ୟୁକ୍ରେନବାସୀ ଜନ୍ମଭୂମିର ସୁରକ୍ଷା ପାଇଁ ଅପୂର୍ବ ସାହସ ଦେଖାଇଲେ । ଧାଡି ବାନ୍ଧି ଟ୍ୟାଙ୍କ ଆଗରେ ଠିଆହେଲେ । ନିରସ୍ତ୍ର ଲୋକଙ୍କୁ ଆଘାତ ନକରି ଟ୍ୟାଙ୍କମାନ ବାଧ୍ୟ ହୋଇ ଫେରିଗଲେ । ଋଷିଆର ଶହଶହ ଟ୍ୟାଙ୍କ, ବିମାନ ଧ୍ୱଂସ ହେଲା । କିଛି ସେନା ଅଫିସର ମଧ୍ୟ ମଲେ । ଅନେକ ସ୍ଥାନରୁ



ସେମାନେ ପଛଘୁଂଚା ଦେବାର ଖବର ମିଳୁଛି । ପୋଲମାନ ଧ୍ୱଂସ ହେବାରୁ ଋଷିଆର ସୈନ୍ୟମାନେ ମଝିରେ ଅଟକି ରହିଛନ୍ତି । କିଭ ଅଭିଯାନ ବିଫଳ ହେଲା ବୋଲି ଋଷିଆ ସ୍ୱୀକାର କରିସାରିଲାଣି । କେତେକ ଜାଗାରେ ନିର୍ମମ ଗଣହତ୍ୟା ଯୋଗୁ ଋଷିଆକୁ ନିନ୍ଦା କରି ବିଚାର ପାଇଁ ଦାବି ହେଲାଣି । କୃଷ୍ଣସାଗରରେ ଥିବା ଋଷିଆର ଏକ ବିମାନବାହୀ ଯୁଦ୍ଧଜାହାଜ (Moskva) ୟୁକ୍ରେନର ନେପଚ୍ୟୁନ କ୍ଷେପଣାସ୍ତ୍ର ମାଡରେ ବୁଡିଯାଇଛି । ଜଣେ ୟୁକ୍ରେନିଆନ ପାଇଲଟ ନିଜେ ମରିବା ପୂର୍ବରୁ ୪୦ଟି ଋଷିଆ ବିମାନ ଧ୍ୱଂସ କରିବାର ସମ୍ବାଦ ପ୍ରଚାରିତ ହୋଇଛି । ୟୁକ୍ରେନର ଡ୍ରୋନ ଆକ୍ରମଣରେ ଋଷିଆର ସାମରିକ ଗାଡିମାନ ଧ୍ୱଂସ ହେବାର ଜଣାଯାଇଛି ।

ଯୁଦ୍ଧ ଯୋଗୁ ବିଶ୍ୱରେ ଆର୍ଥିକ ଅନାଟନ ଦେଖାଦେଲାଣି । ଆମ ଭାରତରେ ଖାଇବା ତେଲ ଓ ପେଟ୍ରୋଲିଅମର ଦର ବଢିଗଲାଣି । ୟୁରୋପରେ ମଧ୍ୟ ଅଭାବ ପଡିଲାଣି । ଶ୍ରୀଲଙ୍କାର ଆର୍ଥିକ ଅବନତିର ମୁଖ୍ୟ କାରଣ ଏହି ଯୁଦ୍ଧ ଯୋଗୁ ଖଣିଜ ତେଲର ଅଭାବ, ଯାହା ମୁଖ୍ୟତଃ ୟୁକ୍ରେନରୁ ଆସୁଥିଲା । ଯୁଦ୍ଧ ବନ୍ଦ



କରି ସମସ୍ୟାର ସମାଧାନ ପାଇଁ ଅନେକ ଦ୍ୱିପାକ୍ଷିକ ବୈଠକ ପୋଲାଣ୍ଡ, ରୁମାନିଆ, ତୁର୍କୀଠାରେ ବସିଗଲାଣି । ମାତ୍ର ସମାଧାନ ହୋଇପାରୁନାହିଁ । ଋଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ବାରମ୍ବାର ଆଣବିକ ଅସ୍ତ୍ର ପ୍ରୟୋଗ ଧମକ ଦେଉଚନ୍ତି । ଦରକାର ହେଲେ ସେ ସାରା ୟୁରୋପକୁ ଧ୍ୱଂସ କରିଦେବେ । ଚୀନ ଓ ଉତର କୋରିଆ ଋଷିଆକୁ ସାହସ ଦେଉଛନ୍ତି । ଏହି ବିବାଦ ମଧ୍ୟରେ ଭାରତ ଅତି ଜଟିଳ ପରିସ୍ଥିତିରେ ଗତି କରୁଛି । ଉଭୟ ୟୁକ୍ରେନ ଓ ଋଷିଆ ଆମର ବନ୍ଧୁ । ଋଷିଆ ସହ ଆମେ ବନ୍ଧୁତା ଚୁକ୍ତିରେ ଆବଦ୍ଧ । ତେଣେ ଆମେରିକାର ଚାପ ଋଷିଆଠାରୁ ତେଲ ନକିଣିବାକୁ । ମାତ୍ର ଋଷିଆ ଏକମାତ୍ର ଦେଶ ଯେ ଆମ ମୁଦ୍ରାରେ ତେଲ ଦେଉଛି । ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସ୍ୱାର୍ଥଦୃଷ୍ଟିରୁ ଭାରତ ବାଣିଜ୍ୟ ବନ୍ଦ କରିପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି । ଭାରତର ଏହି ନୀତିକୁ ପ୍ରଥମେ ନାପସନ୍ଦ କଲେ ମଧ୍ୟ ପରେ ସମସ୍ତେ ପ୍ରଶଂସା କରୁଛନ୍ତି । ମୋଦୀ ବିଦେଶରେ କହିଛନ୍ତି, "ଏ ଯୁଦ୍ଧରେ କେହି ଜିତିବେ ନାହିଁ । ଉଭୟ ହିଁ ଅଶେଷ କ୍ଷତି ସହିବେ ।" (There will be no Victor but loser) ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

# ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଯତ୍ନ

ବିଜୟ କୁମାର ପୃଷ୍ଟି



ପ୍ରବଳ ତୀବ୍ର ଖରାରେ ସମଗ୍ର ଓଡ଼ିଶା ତାତିଲା ତାତ୍ୱାରେ ଆଉଟୁ ପାଉଟୁ ହେଉଥିବାବେଳେ ଅଦିନିଆ କାଳ ବୈଶାଖୀ ବର୍ଷା ବା ବାତ୍ୟାଜନିତ ବର୍ଷା ପରିବେଶକୁ ଥଣ୍ଡା ଓ କୋହଲା କରୁଛି ସତ; କିନ୍ତୁ ଋତୁ ପରିବର୍ତ୍ତନରେ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଦିନିଆ ଅଚାନକ ଝଡ଼ବର୍ଷାରେ କେହି କେହି ତିନ୍ତି ଥଣ୍ଡାଜନିତ ରୋଗରେ ପଡ଼ିଥାନ୍ତି । କେହି କେହି ପ୍ରଦୂଷିତ ପାଣିକୁ ନେଇ ଝାଡ଼ାବାନ୍ତି ରୋଗକୁ ସାମ୍ନା କରିଥାନ୍ତି । କାରଣ ଏହି ସମୟରେ ଅନେକ ପାଣି ଟ୍ୟାପ ବା ଭୂତଳ ଜଳ ବ୍ୟବସ୍ଥାରେ ବାହାରେ ରହିଥିବା ବଡ଼ ବଡ଼ ଗାତ ଦ୍ୱାରା ବର୍ଷା ପାଣି ବା ଡ୍ରେନର ଅପରିଷ୍କାର ବର୍ଜ୍ୟ ପାଣି ଭିତରକୁ ଚାଲିଯାଇ ଏହା ଜଳ ଯୋଗାଣ ବ୍ୟବସ୍ଥାକୁ ପ୍ରଦୂଷିତ କରିଥାଏ । ଆମେ ବସବାସ କରୁଥିବା ଏ ପରିବର୍ତ୍ତନଶୀଳ ପୃଥିବୀର ରହସ୍ୟ ବଡ଼ ବିଚିତ୍ର । ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ, ଖରା, ବର୍ଷା ଓ ଶୀତର ପ୍ରଭାବ, ଝଡ଼, ବାତ୍ୟା, ବନ୍ୟା, ଭୂମିକମ୍ପ, ରୁଦ୍ରତାପ, ମରୁଡ଼ି ଇତ୍ୟାଦି ଯାହାସବୁ ଘଟେ, ଏହାର ଭୌଗୋଳିକ କାରଣ କିମ୍ବା ଜଳବାୟୁର ପରିବର୍ତ୍ତନ ହିଁ ଦାୟୀ । ପ୍ରତ୍ୟେକ ସମୟରେ ପ୍ରକୃତିର ନିୟମ ଅନୁସାରେ ଜୀବନ ନିର୍ବାହ କରିବାକୁ ପଡ଼େ । ଯେଉଁଠି ଯେତେବେଳେ ପ୍ରକୃତିର ନିୟମ ଲଂଘନ ହୁଏ ସେଇଠି ଆରମ୍ଭ ହୁଏ ପ୍ରକୃତିର ତାଣ୍ଡବଲୀଳା । ତେଣୁ ଆମେ ସମସ୍ତେ ପ୍ରକୃତିରେ ବନ୍ଧା । ବର୍ଷକ ବାରମାସ । ପ୍ରତ୍ୟେକ ଦୁଇ ମାସରେ ଗୋଟିଏ ଋତୁ । ଜାନୁୟାରୀ ଓ ଫେବୃଆରୀକୁ ବସନ୍ତ ଋତୁ, ମାର୍ଚ୍ଚ ଓ ଅପ୍ରେଲକୁ ଗ୍ରୀଷ୍ମ ଋତୁ, ମେ ଓ ଜୁନକୁ ବର୍ଷା ଋତୁ, ଜୁଲାଇ ଓ ଅଗଷ୍ଟକୁ ଶରତ ଋତୁ, ସେପ୍ଟେମ୍ବର ଓ ଅକ୍ଟୋବରକୁ ହେମନ୍ତ ଋତୁ, ନଭେମ୍ବର ଓ ଡିସେମ୍ବରକୁ ଶୀତ ଋତୁ କହନ୍ତି । ଯଦିଓ ଛଅଟି ଋତୁ ରହିଛି ତଥାପି ସାଧାରଣ ଭାବରେ ଆମେ ତିନୋଟି ଋତୁକୁ ଅନୁଭବ କରୁ । ଗ୍ରୀଷ୍ମ, ବର୍ଷା ଓ ଶୀତ । ଅର୍ଥାତ ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ । ଏହି ଚାରି ମାସ ଶୀତ ଋତୁ ଭାବରେ ପରିଚିତ । ଶୀତର ଶେଷ ଭାଗ ଅର୍ଥାତ୍ ଜାନୁଆରୀ ଓ ଫେବୃଆରୀ ମାସରେ ଶୀତର ପ୍ରକୋପ ବଢ଼ିଥାଏ ଏବଂ ଶେଷ ଭାଗରେ ବସନ୍ତ ପବନ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଆଣିଦିଏ । ବର୍ତ୍ତମାନ ବସନ୍ତ ଋତୁ ଚାଲିଛି । ଏହା ଋତ ମଧରେ ଶ୍ରେଷ୍ଠ ଋତୁ, ଏହାକୁ ଋତୁରାଜ ବସନ୍ତ ବୋଲି କହନ୍ତି । ଶରୀରରେ ଥିବା ପଞ୍ଚମହାଭୂତ ତତ୍ତ୍ୱ ଅନୁସାରେ ଏବଂ ଜଳବାୟୁର ପରିବର୍ତ୍ତନ ହେତୁ ଆମ ଶରୀର ପ୍ରଭାବିତ ହୁଏ । ଆମ ଶରୀରରେ ଥିବା ବାତ-ପିତ-କଫର ଅସମତା ହେତୁ ଆମ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ । ଅର୍ଥାତ୍ ପ୍ରତ୍ୟେକ ଋତୁରେ ସ୍ୱାସ୍ଥ୍ୟର ସମସ୍ୟା ଦେଖାଦିଏ । ଯେମିତି ଗ୍ରୀଷ୍ମ ଋତୁରେ ରୁଦ୍ରତାର ଆଧିକ୍ୟ ହେତୁ ରୁଦ୍ରାଘାତ ହୋଇଥାଏ ଏବଂ ବର୍ଷା ଋତୁରେ ଜଳର ସଂକ୍ରମଣ ହେତୁ ହଇଜା ରୋଗ ଦେଖାଦିଏ । ଆସନ୍ତୁ ଦେଖିବା ବସନ୍ତ ଋତୁରେ ଆମର ସ୍ୱାସ୍ଥ୍ୟର ସମସ୍ୟା କ'ଣ ଏବଂ ଏହାର ଯତ୍ନ କିପରି ନେବା ।

ଆୟୁର୍ବେଦ ଶାସ୍ତ୍ର କହେ ଏ ଋତୁରେ ଥଣ୍ଡା ବୃଦ୍ଧି ଫଳରେ ଜଳପାନ କମିଯିବାରୁ ଜଳତତ୍ତ୍ୱର ଅସମତା ହେତୁ କଫରୋଗ, ଶରୀରରେ ବାୟୁତତ୍ତ୍ୱ ବୃଦ୍ଧି ହେତୁ ବାତରୋଗ ପରିଲକ୍ଷିତ ହୁଏ । ଏଭଳି ରୋଗକୁ ପ୍ରକୃତର ନିୟମ ଅନୁସାରେ ପାଳନ କଲେ ରୋଗ ଆପେ ଆପେ ଚାଲିଯାଏ । ଆଗରେ ଅଛି ମାଘ ସପ୍ତମୀ ବୁଡ଼, ଅଗ୍ନିଉତ୍ସବ, ମାଘ ମାସର ବାଘ ଭଳିଆ ଶୀତ । ଏହାର ଶେଷ ଭାଗ ଅର୍ଥାତ୍ ଏହି ଫେବୃଆରୀ ମାସରେ ରାତିରେ ପ୍ରବଳ ଥଣ୍ଡା ଏବଂ ଦିନରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ହେତୁ ପ୍ରବଳ ଗରମ ଅନୁଭୂତ ହେବ । ଅତ୍ୟଧିକ ଥଣ୍ଡା ହେତୁ କାଶ, ସର୍ଦ୍ଦି, ଇସନଫୁଲିଆ, ଆଜ୍‌ମା ରୋଗୀମାନଙ୍କ ପାଇଁ ବିପଦ ମାଡ଼ି ଆସେ । ଥଣ୍ଡା ହେତୁ ଜଳପାନ କମିଯିବାରୁ ହୃତପିଣ୍ଡର ସମସ୍ୟା, କୋଷ୍ଠବଦ୍ଧତା, ଚର୍ମରୋଗ ଇତ୍ୟାଦି ଦେଖାଦିଏ । ଅଗ୍ନିମାନ୍ଦ୍ୟ ହେତୁ ଖାଦ୍ୟ ହଜମ ହୋଇ ନପାରି ପେଟର ସମସ୍ୟା ଉପୁଜେ । କଫ ଏବଂ ପିତ୍ତର ସମତା ରକ୍ଷାକରିବା ପାଇଁ ଏହି ଋତୁର ଦିନଚର୍ଯ୍ୟା ଏବଂ ରାତ୍ରିଚର୍ଯ୍ୟା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଅର୍ଥାତ୍ ଆମର ଆହାର, ବିହାର ଏବଂ ରସାୟନର ସଂଯମତା ଆଚରଣ କଲେ ଆମ ସ୍ୱାସ୍ଥ୍ୟ ଅତୁଟ ରହିବ ।

ମହର୍ଷି ଚରକଙ୍କ ଭାଷାରେ 'ସର୍ବୋଷାପେବ ରୋଗାଣାଂ ନିଦାନଂ କ୍ୱପିତା ମଳଃ, ତତ ପ୍ରକୋପସ୍ୟ କାରଣଂ ବିବିଧାରିତ ସେ ବନମ୍ ।' ଅର୍ଥାତ୍ ଏ ସମସ୍ତ ରୋଗର ମୂଳ କାରଣ ହେଲା ଶରୀର ମଧରେ ସଞ୍ଚିତ କ୍ୱପିତ ମଳ ଏବଂ ସେଗୁଡ଼ିକର ପ୍ରକୋପର କାରଣ ବିବିଧ ତ୍ରୁଟିପୂର୍ଣ୍ଣ ଆହାର ବିହାର । ପ୍ରଥମେ ଏ ଋତୁର ସବୁଜ ପନିପରିବା, ସାଲାଡ଼୍, ସେଓ, କମଳା, ପିଜୁଳି, ଅମୃତଭଣ୍ଡା ଇତ୍ୟାଦି ଫଳ ଖାଇଲେ ଝାଡ଼ା ସଫା ହୁଏ । ଖାଦ୍ୟ ସହଜରେ ଜୀର୍ଣ୍ଣ ହୁଏ । ନିୟମାନୁଯାୟୀ ଖାଦ୍ୟ ଗ୍ରହଣ କଲେ ମଳ ସହଜରେ ନିଷ୍କାସିତ ହୁଏ, ଫଳରେ ଶରୀର ନିରୋଗ ରହେ । ପ୍ରତ୍ୟହ ଅନ୍ତତଃ ୧୦ରୁ ୧୫ ଗ୍ଲାସ ଜଳ ପାନ କରିବା ବିଧେୟ । ଥଣ୍ଡା ବା କଫ ହେତୁ ସକାଳେ ଉଷୁମ ପାଣିରେ ଲେମ୍ବୁରସ ଓ ମହୁପାନ କଲେ କୋଷ୍ଠକାଠିନ୍ୟ ଦୂର ହେବା ସଙ୍ଗେ ସଙ୍ଗେ ମେଦ ମଧ କମିଯାଏ । ଅଦାରସ ଉଷୁମ କରି ମହୁ ପକାଇ ପିଇଲେ କାଶ ବା କଫ ଭଲ ହୁଏ । ରାତିରେ ଉଷୁମ କ୍ଷୀରରେ ମିଠା ଖଜୁର କିମ୍ବା ମହୁ କିମ୍ବା ବଟା ହଳଦୀ ମିଶାଇ ପିଇଲେ ଥଣ୍ଡାରୁ ମୁକ୍ତି ମିଳେ । ଚା ପିଇବା ପରିବର୍ତ୍ତେ ହର୍ବାଲ ବା ଲେମ୍ବୁ ଚା କିମ୍ବା ପନିପରିବାର ସୁପ ପିଇବା ଭଲ । ଦହି, ପାଚିଲା କଦଳୀ, କାକୁଡ଼ି, ଥଣ୍ଡା ପାନୀୟ, ଆଇସକ୍ରିମ, ଫ୍ରିଜ ପାଣି ବ୍ୟବହାର କରିବା ବିପଦ ହୋଇପାରେ । ଏ ଋତୁରେ ଶରୀରକୁ କର୍ମଠ କରିବା ପାଇଁ ପ୍ରାତଃଭ୍ରମଣ ସବୁଠୁ ସହଜ, ସରଳ ଓ ଲାଭଦାୟକ ବ୍ୟାୟାମ । ବିଭିନ୍ନ ଆସନ, ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର ସବୁଠୁ ଶ୍ରେଷ୍ଠ ବ୍ୟାୟାମ, ଶରୀରର ଠିକ୍ ରକ୍ତ ସଂଚାଳନ ପାଇଁ ସଂପୂର୍ଣ୍ଣ ଶରୀରର ତୈଳ ମର୍ଦ୍ଦନ ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଚର୍ମ ରୋଗ ମଧ ଦୂର ହୋଇଥାଏ । ଶରୀରରୁ ଝାଳ ନିର୍ଗତ ପାଇଁ ବାଷ୍ପସ୍ନାନ ଏବଂ ଉଷ୍ମ ହସ୍ତପାଦ ସ୍ନାନ ବହୁ ଜରୁରୀ । ଏଭଳି ଜୀବନଚର୍ଯ୍ୟା ଦ୍ୱାରା ଶରୀର ତ୍ରିଦୋଷର ସମତା ରକ୍ଷା ହୁଏ, ଫଳରେ ସ୍ୱାସ୍ଥ୍ୟ ସୁନ୍ଦର ହୁଏ । ଏହି ଋତୁରେ ବ୍ରାହ୍ମିଶାଗ ଖାଇଲେ ସ୍ମରଣ ଶକ୍ତି ବୃଦ୍ଧି ହୁଏ । ଶ୍ରୋତାବନ୍ଧୁ ଗଣ ! ମୋଟାମୋଟି କହିବାକୁ ଗଲେ ଉପଯୁକ୍ତ ଭାବରେ ଜୀବନଚର୍ଯ୍ୟା କରିପାରିଲେ ଏହି ଋତୁରାଜ ବସନ୍ତ ଋତୁରେ ଶରୀର ସୁସ୍ଥ ରହିବା ସଙ୍ଗେ ସଙ୍ଗେ ମନ ମଧ ପ୍ରଫୁଲ୍ଲ ରହେ ଏବଂ ପରମଶାନ୍ତି ମିଳିଥାଏ ।

*-ସମ୍ପାଦକ, ନିରାମୟ, କଟକ, ଦୂରଭାଷ: ୯୮୬୧୪୬୪୯୩୨*




# ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସାଂସ୍କୃତିକ ସଂସଦର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ସରକାରୀ ହାଇସ୍କୁଲର ପୁରାତନ ଛାତ୍ର ସାଂସ୍କୃତିକ ସଂସଦ ଓ ଇନ୍ଦୁପୁର ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟକ, ପୂର୍ବତନ ସାଂସଦ ତଥା କଟକ ମହାନଗର ନିଗମର ମେୟର ସୁବାଷ ଚନ୍ଦ୍ର ସିଂ ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଇନ୍ଦୁପୁର ଉଚ୍ଚ ବିଦ୍ୟାବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ ରୂପେ କେବଳ କେନ୍ଦ୍ରାପଡା ଜିଲ୍ଲାରେ ନୁହେଁ ସାମଗ୍ର ରାଜ୍ୟରେ ତା'ର ସ୍ୱତନ୍ତ୍ରତା ପ୍ରତିପାଦନ କରିପାରିଛି ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଐତିହ୍ୟ ଓ ଗାରିମାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ପ୍ରାକ୍ତନ ସଭାପତି ପରିକ୍ଷୀତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ପରିଚାଳନା ସଦସ୍ୟ ପର୍ଶୁରାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ ପ୍ରଣବ କୁମାର ଜେନା ସମ୍ପାଦକୀୟ ବୀବରଣୀ ପାଠ ମାଧ୍ୟମରେ ବିଦ୍ୟାଳୟର ବିବିଧ ସମସ୍ୟା ଉପସ୍ଥାପନା କରିବା ସହ ବିଧାୟକ ଏବଂ ମେୟରଙ୍କୁ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ସଂସଦର ସଭାପତି ପ୍ରଫେସର ଶ୍ରୀବତ୍ସ ଲାଞ୍ଛନ ଜେନା ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ସଂସଦର ପ୍ରାକ୍ତନ ସଭାପତି ତଥା ପୁରାତନ ଛାତ୍ର ଡା. ବିରଞ୍ଚି ନାରାୟଣ ଜଗଦ୍ଦେବ ଓ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ନାୟକ ବିଦ୍ୟାଳୟର ପୂର୍ବ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ବିଦ୍ୟାଳୟରେ ଯୋଗ ଶିକ୍ଷା କେନ୍ଦ୍ର ଖୋଲି ପିଲାମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଯୋଗଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ବିଦ୍ୟାଳୟରେ ଏକ ସାଇକେଲ ଷ୍ଟାଣ୍ଡ ସ୍ଥାପନା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥରଲେ। ଏହି ଅବସରରେ ସୁନାମଧନ୍ୟ ପ୍ରାକ୍ତନ ଶିକ୍ଷକ ଧନେଶ୍ୱର ପାଢୀଙ୍କୁ 'ଶିକ୍ଷକ ଗୌରବ ସମ୍ମାନ- ୨୦୨୨"ରେ ସମ୍ମାନୀତ କରାଯାଇଥିବା ବେଳେ ଅବସରପ୍ରାପ୍ତ ପ୍ରଶାସକ ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ 'ଛାତ୍ର ଗୌରବ ସମ୍ମାନ- ୨୦୨୨' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାଳୟର ସଫଳ ଛାତ୍ରଛାତ୍ରୀଙ୍କ ସମେତ ଆଖପାଖ ୧୦ରୁ ଊର୍ଦ୍ଧ୍ୱ ହାଇସ୍କୁଲର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ଟପରମାନଙ୍କୁ ଆର୍ଥିକ ରାଶ. ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୂରଲୀଧର ବିଶ୍ୱାଳ ଓ ଚନ୍ଦନ କୁମାର ସାହୁ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ମାନପତ୍ର ପାଠ କରିଥିବା ବେଳେ ପ୍ରାକ୍ତନ ଛାତ୍ର ଚିର ରଞ୍ଜନ ରାଉତ, ଶିକ୍ଷକ ସିଦ୍ଧାର୍ଥ ଶଙ୍କର ଜେନା ଓ ନରେଶ ମହାନ୍ତି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଉତ୍ସବରେ ଶହ ଶହ ପ୍ରାକ୍ତନ ଛାତ୍ରଛାତ୍ରୀ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ୫ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ୮ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସଂସଦର ସହ ସମ୍ପାଦକ ତଥା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ବିଜେଡି ନେତ୍ରୀ ଜ୍ୟୋସ୍ନାମୟୀ ପରିଡା, ସରପଞ୍ଚ ପ୍ରଦୀପ୍ତରଞ୍ଜନ ସୂତାର, ସମିତି ସଭ୍ୟା ସୁନନ୍ଦା ମଲିକ, ପରିବେଶବିତ କାଶୀନାଥ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଦେବେନ୍ଦ୍ର ରାଉତ, ପ୍ରଶାନ୍ତ କୁମାର ସିଂହ, ପ୍ରମୋଦ କୁମାର ପତି, ଶଶୀଭୂଷଣ ପଣ୍ଡା, ଦିଲ୍ଲିପ କୁମାର ଥାଟୋଇ, ପ୍ରକାଶ ଜେନା, ବିଜୟ ସାହାଣୀ, ମଦନ ସ୍ୱାଇଁ, ଗୌରାଙ୍ଗ ସାହୁ, ପ୍ରଦିପ କୁମାର ଦାସ, ଦେବାଶିଷ ସାମଲ, ଦୁଷ୍ମନ୍ତ କୁମାର ମଲିକ, ସେକ ମୋଇବୁରରବ୍, ଶିକ୍ଷକ ପ୍ରଦିପ କୁମାର ପୃଷ୍ଟି, ଗଜେନ୍ଦ୍ର ସ୍ୱାଇଁ, ଅନୁ ପମାନିକ, ସର୍ବେଶ୍ୱର ରଣା, ଶିକ୍ଷିକା ଆରତୀରଞ୍ଜନା ନାୟକ, ବିଷ୍ଣୁପ୍ରିୟା କର, ବନଲତା ପରିଡା, ବନ୍ଦିତା ସ୍ୱାଇଁ, ଚିନ୍ମୟୀ ବାରିକ, କବିତା ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶ୍ରୀବତ୍ସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡ଼ାରେ ପ୍ରବାଦପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡ଼ାରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସକାଳ ୬ଟାରେ କାଳୀ ଘାଟରେ ତିଳତର୍ପଣ କରାଯିବା ସହ ୭ ଟା ୩୦ମି.ରେ କେନ୍ଦ୍ରାପଡ଼ା ଡାକ୍ତରଖାନା ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହାପରେ ନୂଆ ବସଷ୍ଟାଣ୍ଡ ଓ ମେଡିକାଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ସକାଳ ୯ଟାରେ ପୌର ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଓଡିଶା ମୋ ପରିବାର ଆନୁକୂଲ୍ୟରେ ଓ ବିଜୁ ଯୁବ, ଛାତ୍ର, ମହିଳା ସଙ୍ଗଠନର ସହଯୋଗରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୧୪୬ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ବିଜୁ ପ୍ରେମୀମାନେ ଆଗ୍ରହର ସହ ରକ୍ତଦାନ କରି ମେଡିକାଲରେ ଦେଖାଦେଇଥିବା ରକ୍ତର ଅଭାବକୁ ଅନେକାଂଶରେ ପୂରଣ କରିଛନ୍ତି ବୋଲି କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ନଗରପାଳ ସରିତା ସାହୁ କହିଛନ୍ତି। ଉଭୟ ବିଧାୟକ ଓ ନଗରପାଳ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଫଳରେ ରକ୍ତଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୧୪୬ରେ ପହଞ୍ଚିଥିଲା। କାରଣ ଆଶା କରାଯାଉଥିଲା ରକ୍ତଦାତାଙ୍କ ସଂଖ୍ୟା ୧୦୦ ଟପିବ ନାହିଁ। ହେଲେ ଗ୍ରୀଷ୍ମ ପ୍ରଭାବ ସତ୍ତ୍ୱେ ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ ପୌରାଞ୍ଚଳ ଓ ବିଭିନ୍ନ ପଞ୍ଚାୟତର ଯୁବକମାନଙ୍କୁ ରକ୍ତଦାନ କରିବା ପାଇଁ ନିବେଦନ କରିଥିଲେ। ଫଳରେ ବହୁ ସଂଖ୍ୟାରେ ଯୁବକମାନେ ଆସି ରକ୍ତଦାନ କରିଥିଲେ। ନଗରପାଳ ଶ୍ରୀମତୀ ସାହୁ କହିଥିଲେ ବର୍ତ୍ତମାନ ଡାକ୍ତରଖାନାରେ ଯେଉଁଳି ଭାବେ ରକ୍ତର ଅଭାବ ଦେଖା ଦେଇଛି ସେହି ଅଭାବକୁ ଏଭଳି ରକ୍ତଦାନ ଶିବିର ପୁରଣ କରିବାରେ ବେସ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ,



ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଓଡିଶା ମୋ ପରିବାରର ସହ ସଂଯୋଜକ ହିରଣ୍ୟ ପଣ୍ଡା, ଉପନଗରପାଳ ଅକବରୀ ଖାତୁନ, ବ୍ଲକ ଉପାଧକ୍ଷା ପ୍ରତାପ ମହାପାତ୍ର, ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ଛାତ୍ର ବିଜେଡି ସଭାପତି ପ୍ରଦୀପ କୁମାର ସାହୁ, ଯୁବ ବିଜେଡି ସଭାପତି ରାଜେଶ ଦାସ, ବିଜେଡି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡ଼ା, ମହିଳା ସଭାପତି ରୋସ୍ନା ସାହୁ, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ, ବ୍ଲକ ସଭାପତି ଆଲୋକ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ପ୍ରିୟଦର୍ଶିନୀ ତରାଇ, ଲିଲିତା ଦାସ, ମଧୁଛନ୍ଦା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କରେ ତ୍ରିଦିବସୀୟ ଜୟଦେବ ଜୟନ୍ତି କାର୍ଯ୍ୟକ୍ରମ ଉଦ୍‌ଯାପିତ



କୋଣାର୍କ (ପିଏନ୍): ପବିତ୍ର ଅକ୍ଷୟ ତୃତୀୟାରେ ଗୀତିକାବ୍ୟ ଗୀତଗୋବିନ୍ଦର ରଚୟିତା ମହାକବି ଶ୍ରୀ ଜୟଦେବଙ୍କ ଜୟନ୍ତୀ ଅବସରରେ ଚନ୍ଦ୍ରଭାଗା ସ୍ଥିତ ଜୟଦେବ ବାଟିକାରେ ଥିବା ଜୟଦେବଙ୍କ ପ୍ରତିମୂର୍ତ୍ତିରେ ଗତ ମଙ୍ଗଳବାର ପୂର୍ବାହ୍ନ ୮ଟା ସମୟରେ କୋଣାର୍କ ଜୟଦେବ ଜୟନ୍ତୀ କମିଟି ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପକ୍ଷରୁ ପୁଷ୍ପମାଲ୍ୟଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସିର ଅଧକ୍ଷା ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ନିର୍ବାହୀ ଅଧିକାରୀ ସୌମେନ୍ଦ୍ର କୁମାର ତେଜ, ହରିଶ୍ଚନ୍ଦ୍ର ଦାଶ, କୋଣାର୍କ ଜୟଦେବ ଜୟନ୍ତୀ କମିଟିର ସଦସ୍ୟ ଗୋପାଳ ଜନ୍ଦ୍ର ବେହେରା, ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଉମେଶ



ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ରନାଥ ବାହାନିପତି, ଭାଗୀରଥି ସ୍ୱାଇଁ, ରାମକୃଷ୍ଣ ମହାନ୍ତି ନିରଞ୍ଜନ ତ୍ରିପାଠୀ, ପ୍ରିୟରଞ୍ଜନ ରଥ ପ୍ରମୁଖ ଯୋଗ ଦେଇ ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାଅର୍ପଣ କରିଥିଲେ । ଏତଦବ୍ୟତିତ ଗୀତିକାବ୍ୟ ଗୀତଗୋବିନ୍ଦର ରଚୟିତା ମହାକବି ଶ୍ରୀ ଜୟଦେବଙ୍କ ଜୟନ୍ତୀରୁ ତିନି ଦିନ ବ୍ୟାପି ସ୍ଥାନୀୟ ମେଡିକାଲ ଛକସ୍ଥିତ ଅର୍କେଶ୍ୱର ମଣ୍ଡପରେ ପ୍ରତେହ ସନ୍ଧ୍ୟାରେ ଗୀତ ଗୋବିନ୍ଦ ଗାନ, ସଂକୀର୍ତ୍ତନ, ଓଡିଶୀ ନୃତ୍ୟ ପ୍ରଦର୍ଶନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଠାରେ ଦୀର୍ଘ ବର୍ଷ ଧରି କୋଣାର୍କ ଜୟଦେବ ଜୟନ୍ତୀ କମିଟି ଓ କୋଣାର୍କ ଏନଏସି ପକ୍ଷରୁ ମିଳିତ ଭାବେ ଏହି ଉତ୍ସବ ୩ଦିନ ଧରି ପାଳନ କରାଯାଇଥାଏ । ଏଥିପାଇଁ ୧୫ଦିନ ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇ ବିଭିନ୍ନ ବ୍ୟକ୍ତିଙ୍କୁ ଦାଇତ୍ୱ ଅର୍ପଣ କରାଯାଉଥିବା ବେଳେ କେନ୍ଦୁଲିଗ୍ରାମରୁ କୋଣାର୍କ ଦେଇ ଶ୍ରୀକ୍ଷେତ୍ର ଅଭିମୁଖେ ଯାଉଥିବା ସଂକୀର୍ତ୍ତନ ପଦଯାତ୍ରା ଦଳକୁ ସ୍ୱାଗତ କରାଯିବା ସହ ଆତିଥ୍ୟତା ପ୍ରଦାନ କରାଯାଇଥାଏ । ମହାମରୀ କରୋନା ପାଇଁ ଗତ ଦୁଇବର୍ଷ ଏହି କାର୍ଯ୍ୟକ୍ରମ ବନ୍ଦ ଥିଲା ।

# କେନ୍ଦୁଝର ଖଣି କାର୍ଯ୍ୟାଳୟ ମଣ୍ଡଳ କାର୍ଯ୍ୟାଳୟକୁ ଉନ୍ନିତ

କେନ୍ଦୁଝର (ପିଏନ୍): ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗର ଚିଠି ନଂ ୩୪୩୩ ତା ୧୬/୦୪/୨୦୨୨ ରେ ବିଜ୍ଞପ୍ତି ଜାରୀ କରି ୧୧ ଜଣ ଖଣି ଅଧିକାରୀଙ୍କ ପଦୋନ୍ନତି ଦିଆଯାଇ ଖଣି ଉପନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। କେନ୍ଦୁଝରରେ ଥିବା ଖଣି କାର୍ଯ୍ୟାଳୟକୁ ଉନ୍ନତି କରାଯାଇ ଖଣି ମଣ୍ଡଳ କାର୍ଯ୍ୟାଳୟ କରାଯାଇଛି । ଏହି କାର୍ଯ୍ୟାଳୟରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅସିତ୍ କୁମାର ବେହେରାଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ଭାବେ କେନ୍ଦୁଝର ଖଣି ମଣ୍ଡଳ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଯୋଡା ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଥିବା ଯୁଗ୍ମ ନିର୍ଦ୍ଦେଶକ ସଲିଲ କୁମାର ବେହେରାଙ୍କୁ ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟକୁ ଖାଲି ଥିବା ସ୍ଥାନରେ ବଦଳି ହୋଇଛି। ତାଙ୍କ ସ୍ଥାନରେ ଗାମ ସର୍କଲ ବ୍ରହ୍ମପୁରର ଖଣି ଅଧିକାରୀ ଦିନେଶ ଅଗ୍ରୱାଲଙ୍କୁ ପଦୋନ୍ନତି ଦିଆଯାଇ ଯୋଡା ଖଣି ଉପ ନିର୍ଦ୍ଦେଶକଭାବେ ନିଯୁକ୍ତି ଦିଆଯାଇଛି। କଟକ ସର୍କଲ, କଟକ ର ଖଣି ଅଧିକାରୀ ଜିତେନ୍ଦ୍ର କୁମାର ପଣ୍ଡା ଙ୍କ ପଦୋନ୍ନତି ପରେ ବାରିପଦା ଖଣି ଉପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଯାଜପୁର ରୋଡ ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟର ଖଣି ଅଧିକାରୀ ପ୍ରିୟଦର୍ଶୀ ସନ୍ଦିପ କୁମାର ବଳ ଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ବ୍ରହ୍ମପୁର କୁ ବଦଳି କରାଯାଇଛି। ଭୁବନେଶ୍ୱରସ୍ଥିତ ଖଣି ନିର୍ଦ୍ଦେଶାଳୟରେ ଖଣି ଅଧିକାରୀ ଭାବେ ଥିବା ଲିପ୍‌ସା ପୃଷ୍ଟିଙ୍କ ଖଣି ଉପନିର୍ଦ୍ଦେଶକ ପଦବିକୁ ପଦୋନ୍ନତି ପରେ ଖଣି ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି। କଳାହାଣ୍ଡି ସର୍କଲ, ଭବାନିପାଟଣାରେ ଖଣି ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କ ଖଣି ଉପ ନିର୍ଦ୍ଦେଶକଭାବେ ପଦୋନ୍ନତି ଦିଆଯାଇ ଖଣି ଉପନିର୍ଦ୍ଦେଶକ, କଟକକୁ ବଦଳି କରାଯାଇଛି। ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଯାଜପୁର ରୋଡ,ଯାଜପୁର ରେ ଖଣି ଅଧିକାରୀ ଥିବା ପବିତ୍ର କୁମାର ସାହୁଙ୍କୁ ପଦୋନ୍ନତି ପରେ ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟରେ ଅବସ୍ଥାପିତ କରାଯାଇଛି। ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ,ସମ୍ବଲପୁର ସର୍କଲରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିଭୂତି ଭୂଷଣ ବେହେରା ଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ ଯାଜପୁର ରୋଡ,ଯାଜପୁର କୁ ବଦଳି କରାଯାଇଛି। ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ କୋରାପୁଟରେ ଖଣି ଅଧିକାରୀ ପଦବୀରେ କାର୍ଯ୍ୟ କରୁଥିବା ବିଶ୍ୱନାଥ ସୋରେନଙ୍କ ପଦୋନ୍ନତି ପରେ ଖଣି ଉପ ନିର୍ଦ୍ଦେଶକ କଳାହାଣ୍ଡି ସର୍କଲ,ଭବାନିପାଟଣାକୁ ବଦଳି ହୋଇଛି। ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟ ତାଳଚେରରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଧରଣୀଧର ନାୟକଙ୍କ ପଦୋନ୍ନତି ପରେ ସେହି କାର୍ଯ୍ୟାଳୟରେ ଖଣି ଉପ ନିର୍ଦ୍ଦେଶକଭାବେ ଅବସ୍ଥାପିତ କରାଯାଇଛି। ଯୋଡା ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଖଣି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବିଶ୍ୱରନ ସେଠୀଙ୍କୁ ଖଣି ଉପନିର୍ଦ୍ଦେଶକ ପଦବିକୁ ପଦୋନ୍ନତି ଦିଆଯାଇ ଭୁବନେଶ୍ୱର ଖଣି ନିର୍ଦ୍ଦେଶାଳୟକୁ ବଦଳି ହୋଇଛି। ସେହିପରି ରାଜ୍ୟ ସରକାରଙ୍କ ଖଣି ଓ ଇସ୍ପାତ ବିଭାଗର ଚିଠି ନଂ ୩୪୨୦ ତା ୧୬/୦୪/୨୦୨୨ ରେ ବିଜ୍ଞପ୍ତି ଜାରୀ କରି ୧୧ ଜଣ ସହକାରୀ ଖଣି ଅଧିକାରୀଙ୍କ ପଦୋନ୍ନତି ଦିଆଯାଇ ଖଣି ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରାଜ୍ୟ ବିଜେପିର ସଙ୍ଗଠନ

ଆନନ୍ଦପୁର (ପିଏନ୍): ରାଜ୍ୟ ବିଜେପି ସଂଗଠନ ମହାମନ୍ତ୍ରୀ ଶ୍ରୀମାନ ମାନସ କୁମାର ମହାନ୍ତିଙ୍କର କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ଆନନ୍ଦପୁର ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ତାଙ୍କୁ ଆନନ୍ଦପୁର ବିଜେପିର ବରିଷ୍ଠ ନେତୃମଣ୍ଡଳୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମାଜ ଗଠନରେ ଆମ୍ବେଦକରଙ୍କ ସମସ୍ତଙ୍କୁ ସମାନ ଅଧିକାରର ଆଦର୍ଶ ଓ ବିଚାରଧାରା ବିଜେପିର ମୂଳ ଦର୍ଶନ ଅନ୍ତୋଦୟର ମୂଳଭୂତ ଆଧାର ଏକ ବୋଲି ମତ ପ୍ରକାଶ କରିଥିଲେ । ଉଭୟ ଦର୍ଶନ ସମାଜର ସାମଗ୍ରୀକ ବିକାଶ ସହ ଶୋଷିତ ପୀଡୀତଙ୍କ ବିକାଶକୁ ସୁନିଶ୍ଚିତ କରିଥାଏ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଗତ ନିର୍ବାଚନରେ ବିଜୟୀ ହୋଇଥିବା ଅନେକ ପ୍ରାର୍ଥୀଙ୍କୁ ଶ୍ରୀ ମହାନ୍ତି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆନନ୍ଦପୁରର ବରିଷ୍ଠ ବିଜେପି ନେତା ମହେଶ୍ୱର ସାହୁ, ଆଲୋକ ସେଠୀ, ରାମଚନ୍ଦ୍ର ସାହୁ, ଶମ୍ଭୁନାଥ ରାଉତ, ହେମନ୍ତ ମଲ୍ଲିକ, ନିରାକାର ଦଳେଇ, ଜ୍ଞାନରଂଜନ ସାମନ୍ତସିଂହାର, ଯଜ୍ଞପ୍ରସାଦ, ଅସୀମା ମିଶ୍ର, ସୁମତି ଯେନା, ସରୋଜ ସାହୁ, ଅନାଦି ସାହୁ, ବଳଭଦ୍ର ବାରିକ, ପ୍ରଶାନ୍ତ ମହାପାତ୍ର, ଟୁକୁନା ମହାନ୍ତ, ସନତ କର, ସମ୍ବିତ ଦାସ, ଲିକୁନ୍ କର, ବଳଦେବ ପତି, ନାରାୟଣ ବାରିକ, ଦୀପ୍ତି ସାହୁ, ତୃପ୍ତିମୟୀ ଯେନା, ବିଶ୍ୱନାଥ ଦାସ,କାଳନ୍ଦୀ ସାହୁ,ମନମୋହନ ସା, ଗଦାଧର ମିଶ୍ର, ଶୁଭାଦ୍ରୀ ବଳିଆରସିଂଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଂଜନ ସାମନ୍ତସିଂହାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତରତ୍ନ ବାବା ସାହେବ ଡଃ ବି.ଆର. ଆମ୍ବେଦକରଙ୍କ ୧୩୧ତମ ଜନ୍ମବାର୍ଷିକୀ ପାଳନ



କେନ୍ଦୁଝର (ପିଏନ୍): ସେବାସ୍ତମ୍ଭ ଓ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅନୁସୂଚିତ ଜାତି/ ଜନଜାତି ଓ ପଛୁଆବର୍ଗ କର୍ମଚାରୀ ସଂଘ ଓଡିଶା ଶାଖା ତରଫରୁ ଭାରତରତ୍ନ ବାବା ସାହେବ ଡଃ ଆମ୍ବେଦକରଙ୍କ ୧୩୧ତମ ଜନ୍ମବାର୍ଷିକୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଦୁଇ ସଂସ୍ଥାର ମିଳିତ ସହଯୋଗରେ ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା (ଆର.ଏସ୍. ଇ.ଟି.ଆଇ.), କେନ୍ଦୁଝରଠାରେ ରମେଶ ଚନ୍ଦ୍ର ସେଠୀଙ୍କର ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ବିଶିଷ୍ଟ ସାହିତ୍ୟିକ, ଗବେଷକ, ଲେଖକ, ଐତିହାସିକ ନିରଂଜନ ବାରିକ ଯୋଗଦେଇ ଆମ୍ବେଦକରଙ୍କ ବାର୍ତ୍ତା ସମାଜକୁ ଜଣାଇଥିଲେ। ଅବସରପ୍ରାପ୍ତ ଆଇଏଏସ୍ ମାଗୁଣି ଚରଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାବାସାହେବଙ୍କର ଉପଲବ୍ଧି ଓ ଦିଗ୍‌ଦର୍ଶନ ବାବଦରେ ଆଲୋକପାତ କରିଥିଲେ। ସେବାସ୍ତମ୍ଭର ସଭାପତି ଅବସରପ୍ରାପ୍ତ ଓଡିଶା ପ୍ରଶାସନିକ ଅଧିକାରୀ କୁମରମଣୀ ତନ୍ତି ଓ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅନୁସୂଚିତ ଜାତି/ଜନଜାତି ପଛୁଆବର୍ଗ ସଂଘ, ଓଡିଶା ଶାଖାର ସାଧାରଣ ସମ୍ପାଦକ ତଥା ଗ୍ରାମୀଣ ସ୍ୱରୋଜଗାର ପ୍ରଶିକ୍ଷଣ ସଂସ୍ଥା, କେନ୍ଦୁଝରର ନିର୍ଦ୍ଦେଶକ ହରିଶଙ୍କର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ଗତ ୨୦୨୦-୨୧ ଶିକ୍ଷା ବର୍ଷରେ କେନ୍ଦୁଝର ଜିଲ୍ଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗରେ ପ୍ରଥମ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ଆମ୍ବେଦକରଙ୍କ ଫଟୋ ଓ ନଗଦ ରାଶି ପୁରସ୍କାର ଆକାରରେ ଦିଆଯାଇଥିଲା। ଏହା ସହିତ ଏହି ଉତ୍ସବ ଉପଲକ୍ଷେ କରାଯାଇଥିବା ତର୍କ ପ୍ରତିଯୋଗିତାରେ ୩ଟି ଗ୍ରୁପ୍‌ର ବିଜେତା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରମାଣପତ୍ର, ଆମ୍ବେଦକରଙ୍କ ଫଟୋ ଓ ନଗଦ ରାଶି ସହ ପୁରସ୍କୃତ କରାଯାଇଥିଲା। ଏହି ସଭାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ୍, ଜୀବନ ବୀମା ନିଗମର କର୍ମଚାରୀ ତଥା ସାଧାରଣ ନାଗରିକ ଓ ସ୍କୁଲ, କଲେଜର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ସଭାକୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ବିକାଶ ଚନ୍ଦ୍ର ବେହେରା ଓ କୋଷାଗାର କାର୍ଯ୍ୟାଳୟର ଗୀତାଂଜଳି ପାତ୍ର ପରିଚାଳନା କରିଥିଲେ।

## ହରିଚନ୍ଦନପୁର ବ୍ଲକର ବିଭିନ୍ନ ସ୍ଥାନରେ ପଣା ସଂକ୍ରାନ୍ତି ପାଳିତ

ଭଗାମୁଣ୍ଡା (ପିଏନ୍): ବିଗତ ଦୁଇବର୍ଷ ହେଲା ସରକାରଙ୍କ କୋଭିଡ୍ କଟକଣା ଯୋଗୁଁ ମନ୍ଦିରଗୁଡିକରେ ଭକ୍ତମାନଙ୍କ ଭିଡ ଦେଖିବାକୁ ମିଳିନଥିଲା । ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ପ୍ରତ୍ୟେକ ଦେବାବେଦୀଙ୍କ ମନ୍ଦିରରେ ଭକ୍ତଙ୍କ ଗହଳି ଚହଳି ଦେଖିବାକୁ ମିଳିଥିବା ବେଳେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡା ପଂଚାୟତର ମା'ଚାଞ୍ଚଖାଇ ଠାକୁରାଣୀ ପୀଠ, ମାଣିଆବିନ୍ଧା ଗ୍ରାମ ବାଉରିଆ ଡ୍ୟାମ୍ ନିକଟରେ



ଥିବା ହନୁମାନ ପ୍ରତିମୂର୍ତ୍ତି, ଶଗଡପଟା ପଂଚାୟତର ମା' ଦାଉଆଣୀ ପୀଠ ଆଦିରେ ମହାବିଷୁବ ପଣାସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ସବୁ ପୀଠରେ ଭକ୍ତମାନଙ୍କ ପାଇଁ ପଣା ଏବଂ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯିବା ସହ ଅନେକ ଠାକୁରାଣୀ ପୀଠରେ କମିଟି ତରଫରୁ ପାଲା ପରିବେଷଣ ସହିତ ଆଦିବାସୀ ଡ୍ରାମା ଏବଂ ମୀନା ବଜାର ପଡିଥିବା ମଧ୍ୟ ଦେଖିବାକୁ ମିଳିଛି ।




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଲସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଧିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଧିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚର ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

## ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉସ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସର୍ମ୍ପକରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି,ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

# ରାଜ୍ୟରେ ଆଇନ୍ ଅବାଟରେ ଯାଉଛି : କଂଗ୍ରେସ




ଭୁବନେଶ୍ୱର,(ପି.ଏନ): ମୁଖ୍ୟମନ୍ତ୍ରୀ ବାରମ୍ବାର କୁହନ୍ତି ଆଇନ୍ ତା' ବାଟରେ ଯିବ । କିନ୍ତୁ ଆଇନ ନା ତା' ବାଟରେ ଯାଉଛି ନା ଅପରାଧିମାନଙ୍କୁ ଧରିବା ବାଟରେ ଯାଉଛି । ରାଜ୍ୟରେ ସଂଗଠିତ ହେଉଥିବା ଅପରାଧିଗୁଡ଼ିକରେ ଶାସକ ବିଜୁ ଜନତା ଦଳର ନେତା, ମନ୍ତ୍ରୀମାନଙ୍କର ସମ୍ପୃତି ଯୋଗୁଁ ଆଇନ ରାଜ୍ୟରେ ସଂପୂର୍ଣ୍ଣ ଭାବେ ଅବଟାରେ ଯାଉଛି ବୋଲି ଆଜି ବିଜୁ ଜନତା ଦଳ ଓ ସରକାରଙ୍କୁ କଡ଼ା ଟାର୍ଗେଟ କରିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ମନୋଜ ମହାପାତ୍ର କହିଲେ ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ ଆଇନ ତା' ବାଟରେ ଯିବ ବୋଲି କହନ୍ତି । କେବଳ ମୁଖ୍ୟମନ୍ତ୍ରୀ ନୁହେଁ, ବିଜୁ ଜନତା ଦଳର ବରିଷ୍ଠ ନେତା ମନ୍ତ୍ରୀ ଓ ସାଧାରଣ ସଦସ୍ୟ ମଧ ମୁଖ୍ୟମନ୍ତ୍ରୀଙ୍କର ଏହି ଉକ୍ତିକୁ ବହୁଳ ଭାବରେ ପ୍ରଚାର ଓ ପ୍ରସାର କରନ୍ତି । ବୋଧହୁଏ ଶାସକ ବିଜୁ ଜନତା ଦଳର ନେତା, ମନ୍ତ୍ରୀମାନେ ଭାବନ୍ତି ଯେ, ଆଇନ୍ ତା' ବାଟରେ ପଳେଇବ କିନ୍ତୁ ସେଥିପାଇଁ ବିଜୁ ଜନତା ଦଳର ନେତା, କର୍ମୀମାନେ ଅପରାଧ କରିବାକୁ ପଛଉନାହାଁନ୍ତି । ଅପରାଧ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ପୁଲିସ୍ ପ୍ରଶାସନ ଏହି ଶାସକ ଦଳ ସମର୍ଥିତ ଗୁଣ୍ଡାମାନଙ୍କର ସମର୍ଥକ ହୋଇଥିବା ସେ ଅଭିଯୋଗ କରିଥିଲେ । ର । ଜ ୍ୟ ସରକାର ମାନ୍ୟବର ସୁପ୍ରିମ୍‌କୋର୍ଟରେ ଆଫିଡେବିଟ୍ ଦେଇ ପରୋକ୍ଷରେ ସ୍ୱୀକାର କରିଛନ୍ତି ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା ଓ ନାବାଳିକା ନିର୍ଯ୍ୟାତନାରେ ଓଡ଼ିଶା ଦେଶରେ ସର୍ବାଗ୍ରେ । ନାରୀ ନିର୍ଯ୍ୟାତନାରେ ଅପବାଦ ମୁଣ୍ଡାଇଥିବା ଓଡ଼ିଶା ଯୋଗୁଁ ବୋଧହୁଏ ରାଜ୍ୟ ସରକାର ନାରୀ ପ୍ରତି ହେଉଥିବା ନିର୍ଯ୍ୟାତନା ମାମଲାରେ କେସ୍ ଦରଦ ନ କରିବାକୁ ପୁଲିସ୍ ପ୍ରଶାସନକୁ ଅଲିଖିତ ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ରାଜ୍ୟର ଲୋମହର୍ଷଣକାରୀ ହତ୍ୟାକାଣ୍ଡ ପ୍ରସଙ୍ଗରେ ପୁଲିସ୍ ଏତଲାକୁ ଦରଜ କରିନଥିଲା । ଅନ୍ୟପଟେ ଶାସକ ଦଳର ବିଧାୟକଙ୍କ ବିରୋଧି ଯୌନ ଶୋଷଣ ମାମଲା ଭୁବନେଶ୍ୱର ଖଣ୍ଡଗିରି ଥାନାରେ ପଞ୍ଜିକୃତ ହୋଇପାରୁନାହିଁ । ମାନ୍ୟବର ସୁପ୍ରିମ୍‌କୋର୍ଟ ସ୍ପଷ୍ଟଭାବେ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ସଙ୍ଗିନ୍ ଦଫା ମାମଲାରେ ପୁଲିସ୍ ଏତଲା ପଞ୍ଜିକରଣ କରିବାକୁ ବାଧ । କିନ୍ତୁ ରାଜ୍ୟରେ ନାରୀ ନିର୍ଯ୍ୟାତନା, ଧର୍ଷଣ, ହତ୍ୟା, ମହିଳା ଓ ଶିଶୁ ନିର୍ଯ୍ୟାତନା, ଅପହରଣ ମାମଲାରେ ମଧ ପୁଲିସ୍ ଜାଣିଶୁଣି ଅଭିଯୋଗଗୁଡ଼ିକର ପଞ୍ଜିକରଣ କରୁନାହିଁ, ଯାହା ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶନାମାର ଖୋଲା ଉଲଘଂନ ଏବଂ ପୁଲିସର ଏତାଦୃଶ ମନୋଭାବ ଜାରି ରହିଲେ ରାଜ୍ୟରେ ମହିଳା ଓ ନାବାଳିକାମାନେ ସୁରକ୍ଷିତ ନୁହଁନ୍ତି । ଯେଉଁଥିପାଇଁ ଅସନ୍ତୋଷସ୍ୱରୂପ ରାଜ୍ୟରେ ବି.ଜେ.ଡ଼ି ସେ ବେଟି ବଚାଓ ଭଳି ସ୍ଲୋଗାନ ଆରମ୍ଭ ହୋଇଗଲାଣି । ମହିଳା ସଶକ୍ତିକରଣର ନାରା ଦେଉଥିବା ରାଜ୍ୟ ସରକାର ପ୍ରକୃତରେ ମହିଳାଙ୍କୁ ଶୋଷଣ କରୁଛି । ମମିତା, ମାଧବୀଲତା, ଇତିଶ୍ରୀ, କୁନ୍ଦୁଲି, ବେବିନା ଭଳି ବହୁ ଯୁବତୀଙ୍କୁ ହତ୍ୟା କରାଯାଉଛି ଏବଂ ଏ ଘଟଣାର ହତ୍ୟାକାରୀମାନେ ଆଇନର ପରିଧି ଭିତରେ ଆସୁନାହାନ୍ତି । ପ୍ରତ୍ୟେକ ଅପରାଧି ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀମାନଙ୍କ ଉପରେ ଶାସକ ବିଜୁ ଜନତା ଦଳର ନେତାମନ୍ତ୍ରୀ, ପ୍ରଶାସନ ଓ ପୁଲିସ୍‌ର ପ୍ରସନ୍ନ ଆର୍ଶିବାଦ ଥିବା ଭଳି ମନେ ହେଉଛି । ଅପରାଧିଙ୍କୁ ଦଣ୍ଡିତ କରିବାକୁ ଗଠିତ ହେଉଥିବା ଏ ବ୍ୟବସ୍ଥାର ଅବ୍ୟବସ୍ଥା ଯୋଗୁଁ ଆମ ପୂର୍ବ ପୁରୁଷମାନେ ଦୁଃଖିତ ହେଉଥିବେ । ଏହି ସମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଓ ମୁଖପାତ୍ର ମନୋରଞ୍ଜନ ଦାସ ଓ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ ।



MAHARISHI PUBLIC SCHOOL
2021-2022
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
(Special discount for new admission before 15.03.2021)
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.
25% reservition as per RTE Act (2009)
MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada



# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Saturday May 07, 2022 ଭୁବନେଶ୍ୱର ଶନିବାର, ମଇ ୦୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ରାସ୍ତା ପାର୍ଶ୍ୱରେ ପଡୁଛି ବର୍ଜ୍ୟବସ୍ତୁ, ପରିବେଶ ପ୍ରଦୂଷିତ



କେନ୍ଦୁଝର,(ପି.ଏନ): କେନ୍ଦୁଝର ସହରର ଡାଙ୍ଗରପଡାରେ ସହରର ବର୍ଜ୍ୟବସ୍ତୁ ପକାଯାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ବାଣିଜ୍ୟିକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନ ପକାଇବା ପାଇଁ ଡମ୍ପିଂୟାର୍ଡ ନଥିବାରୁ ଏଗୁଡିକୁ ରାସ୍ତା ପାର୍ଶ୍ୱରେ ପକାଯାଉଛି। ଅଳିଆ ଆବର୍ଜନାରେ ପଡୁଥିବା ପଲିଥିନ ଭିତରେ ଥିବା ଖାଦ୍ୟକୁ ଗାଈଗୋରୁ ଖାଇ ମୃତ୍ୟୁବରଣ କରୁଛନ୍ତି। ଖାଦ୍ୟ ଲୋଭରେ ଏହି ସ୍ଥାନକୁ ଗୃହପାଳିତ ପଶୁମାନେ ଆସୁଛନ୍ତି। ପୌରପାଳିକା ପକ୍ଷରୁ କେନ୍ଦୁଝର ସହରର ଦୋକାନ ବଜାର, ହୋଟେଲ ରୁ ବାହାରୁଥିବା ବର୍ଜ୍ୟବସ୍ତୁ ପକାଇବା ପାଇଁ ଡମ୍ପିଂୟାର୍ଡ କରାଯାଇନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। କେନ୍ଦୁଝର ସହରର ବର୍ଜ୍ୟବସ୍ତୁ କୁ ପୌରପାଳିକା ପକ୍ଷରୁ ଡମ୍ପିଂୟାର୍ଡ ନ କରାଯାଇ ଡାଙ୍ଗରପଡା ରାସ୍ତା ପାର୍ଶ୍ୱରେ ଜମା କରାଯାଉଥିବାରୁ ପରିବେଶ ଦୂଷିତ ହେବା ସହ ବ୍ୟାପକ ବାୟୁ,ଜଳ ପ୍ରଦୂଷଣ ହେଉଛି। ବର୍ଜ୍ୟବସ୍ତୁ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ଉକ୍ତ ଅଞ୍ଚଳ ଦୂର୍ଗନ୍ଧ ହୋଇ ଦୂର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏନେଇ ଅଭିଯୋଗ କଲେ ମଧ୍ୟ ପୌର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନଥିବା ଅସନ୍ତୋଷ ବଢୁଛି। ଏହି ଅଞ୍ଚଳ ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବାରୁ ଅନେକ ସମୟରେ ନିଆଁ ଲାଗିଲେ ଧୁମ୍ରମୟ ପରିବେଶ ଯାତାୟତରେ ଅସୁବିଧା ସୃଷ୍ଟି କରୁଛି। ଏନଜିଟି ର ନିୟମ ଅନୁଯାୟୀ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ସଠିକ୍ ଭାବରେ କରିବା ପାଇଁ କଡାକଡି ନିର୍ଦ୍ଦେଶ ରହିଛି। ତେବେ ଏହାକୁ ମଧ୍ୟ ସଠିକ୍ ପାଳନ କରାଯାଉନାହିଁ। ଏହି ବେଆଇନ ଡମ୍ପିଂ ୟାର୍ଡକୁ ବନ୍ଦ କରାନଗଲେ ଉକ୍ତ ଅଞ୍ଚଳରେ ପ୍ରଦୂଷଣ ଯୋଗୁଁ ରୋଗବ୍ୟାଧି ବ୍ୟାପିବାର ସମ୍ଭାବନା ରହୁଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପୁଷ୍କର ଚନ୍ଦ୍ର ବେହେରାଙ୍କ ଯୋଗାଯୋଗ କରିବାରୁ ଅଭିଯୋଗ ପରେ ତଦନ୍ତକରାଯାଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଙ୍କୁ ଅବଗତ କରାଯାଇଛି।

## କେନାଲ ପାଣିରେ ବୁଡି ଜଣେ ମୃତ

ହାଟଡିହି,(ପି.ଏନ):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧିନରେ ଥିବା ନନ୍ଦିପଦା ଥାନା ଅଂଚଳରେ କେନାଲ ପାଣିରେ ବୁଡି ଜଣେ ଯୁବକର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ମରୈଗାଁ ଗ୍ରାମର ଉମାକାନ୍ତଯେନା (୩୨) ସକାଳ ଶୌଚ ହେବାକୁ କେନାଲ ବନ୍ଧକୁ ଯାଇଥିବା ବେଳେ ଗୋଡ ଖସି ଯାଇଥିଲା । କେନାଲର ପାଣି ସ୍ରୋତ ଚାଲୁଥିବାରୁ ସେ ପାଣିରେ ପଡିଯାଇଥିଲେ। ପହଁରା ଶିଖି ନଥିବାରୁ ପାଣିରେ ବୁଡି ଯାଇ ଜୀବନ ଚାଲି ଯାଇଥିଲା । ଅନେକ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତା'ର ଶବ ପାଖ କେନାଲରୁ ଉଦ୍ଧାର କରାଯାଇଥିଲା । ନନ୍ଦିପଦା ପୋଲିସ ଖବର ପାଇ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲା । ତାଙ୍କର ମୃତ୍ୟୁରେ ସାରା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

## ପିଙ୍ଗଳ ଗ୍ରାମରେ ସତସଙ୍ଗ ଭବନ ଉଦଘାଟିତ



କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପିଙ୍ଗଳ ଗ୍ରାମର ଦିବ୍ୟ ଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମ ପରିସରରେ 'ଶିବାନନ୍ଦ ସତସଙ୍ଗ ଭବନ' ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଭକ୍ତମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ସମେତ ଗଗନ ଆଚାର୍ଯ୍ୟଙ୍କ ଦ୍ୱାରା ଏକଦିନାତ୍ମକ ଗୀତାଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ତନାର ସଙ୍କୀର୍ତ୍ତନ ମଣ୍ଡଳୀର ମୁଖ୍ୟ ନାରାୟଣ ପ୍ରଧାନ, କୃପା ପ୍ରଧାନ, ଲୋକନାଥ ବାରିକ, ପାଗଳା ସିଂ ପ୍ରମୁଖ କୀର୍ତ୍ତନ କରିଥିଲେ। ପ୍ରଫେସର ଭଗବାନ ପତ୍ରୀ, ପ୍ରତାପ ପରିଡା, ସୁନାକର ରାଉତ, ଶ୍ରୀଧର ରାଉତ, ପ୍ରଭାତ ପରିଡା, ନୃସିଂହ ଦାସ, ନରେନ୍ଦ୍ର ପରିଡା, କ୍ଷୀରୋଦ ପରିଡା, ଅଜୟ ପରିଡା, ପୁରୁଷୋତ୍ତମ ଖଟୁଆ, ଧୁଣ୍ଡା ବାରିକ, ଶଙ୍କର ସାହୁ, ପୁନମ ନାୟକ, ଗଗନ ସିଂ, ନିକୁଞ୍ଜ ଭାଇ, ସାବିତ୍ରୀ ପରିଡା, ପିଙ୍ଗଳ ଗ୍ରାମର ମୃତ୍ୟୁଞ୍ଜୟ ପରିଡାଙ୍କ ସମେତ ପିଙ୍ଗଳ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଆଶ୍ରମର ଅନ୍ତେବାସୀ ଗଉରୀ ମା, ଗାୟତ୍ରୀ ମା, ସୀତା ମା ପ୍ରମୁଖ ସମସ୍ତ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ବର୍ଜୁ ନଗରରେ ରହୁଥିବା ସାମ୍ବାଦିକ ମାନସ ରଞ୍ଜନ ଜେନାଙ୍କ ମା' କୁମୁଦିନୀ ଜେନା(୭୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ଅବସରପ୍ରାପ୍ତ ସ୍ୱାସ୍ଥ୍ୟବିଭାଗ କର୍ମଚାରୀ ଗୋକୁଳାନନ୍ଦ ଜେନା, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତା ଜେନା ଜଣେ ଧର୍ମପ୍ରାଣା ମହିଳା ଥିଲେ। ଖବର ପାଇ ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଷାନ ପଣ୍ଡା, ସମାଜସେବୀ କାହ୍ନୁ ଚରଣ ଦାଶ, ଶ୍ରମିକ ନେତା ବସନ୍ତ କୁମାର ପରିଡ଼ା, ବିଜେପି ନେତା ସର୍ବେଶ୍ୱର ବେହୁରା, ବାମଦେବ ମିଶ୍ର, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଂଜନ କର, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରଭୁରଂଜନ ସାମଲ, ଅଧ୍ୟାପକ ବିଜୟ ନାୟକ, ବିଜେଡ଼ି ନେତା ସଂଗ୍ରାମ କେଶରୀ ଜେନା, କଳ୍ପତରୁ ସାହୁ, ନିରଂଜନ ରାଉତ, ନିର୍ମଳ ପ୍ରଧାନ, ଯୁବନେତା ଅକ୍ଷୟ ନାୟକ, ବାସୁଦେବ ପରିଡା, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ରାଜକିଶୋର ଶତପଥୀ, ଡ. ଚନ୍ଦ୍ରମଣି ନାୟକ, କଂଗ୍ରେସ ନେତା ମିହିର କୁମାର ଖୁଣ୍ଟିଆ, ଯୁବନେତା ଉଗ୍ରସେନ ମହାନ୍ତି, ସୁବ୍ରତ ଜେନା, ବିନୋଦ ସାହୁ, ରନ ଓଝା, ସୁଶାନ୍ତ ବେହେରାଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ।

## ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠିତ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ବାଲ୍ୟ ବିବାହ ରୋକିବା ନିମନ୍ତେବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠିତ ହୋଇଯାଇଛି । ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମଇ ୫ତାରିଖ ଗୁରୁବାର ଦିନ ଦରବାର ହଲ୍ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ ଏହି ବୈଠକରେ ଅଧକ୍ଷତା କରି ଉଦ୍‌ବୋଧନ ଦେଇ ଜିଲ୍ଲାରେ କିଶୋର କିଶୋରୀମାନେ ଯେପରି ଅଧାରୁ ପାଠ ନଛାଡନ୍ତି ସେ ଦିଗରେ ବାଲ୍ୟ ବିବାହ ପ୍ରତିରୋଧ କମିଟିର ସଦସ୍ୟ / ସଦସ୍ୟାମାନେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଦେବାଙ୍ଗନା ବାରିକ ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷା ଆଇନ୍‌ର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ । ସମଗ୍ର ଶିକ୍ଷାର ଆର.ଇ.ଡି. କୋର୍ଡିନେଟର ପିତବାସ ସାହୁ କିଶୋର କିଶୋରୀମାନେ ଶିକ୍ଷା ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହୋଇ ଆଇନ୍ ଅନୁଯାୟୀ ନିଜେ ନିଜର ବିବାହ ବୟସ ସ୍ଥିର କରିବା ଉପରେ ଗରୁତ୍ୱାରୋପ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନସୂୟା ସାହୁ ନିଜ ବକ୍ତବ୍ୟରେ ଗ୍ରାମ, ପଂଚାୟତ ଓ ବ୍ଲକସ୍ତରରେ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠନ କରିବା ଉପରେ ପ୍ରସ୍ତାବ ରଖିଥିଲେ । ୨୦୩୦ ମସିହା ସୁଦ୍ଧା ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ୟୁ.ଏନ୍.ଏଫ୍.ଏ. ର ଜିଲ୍ଲା ସଂଯୋଜିକା କିଶୋର କିଶୋରୀ ମାନଙ୍କୁ ଧନ୍ଦାମୂଳକ ଶିକ୍ଷାରେ ଯୋଡା ଯାଇ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବାକୁ ମତବ୍ୟକ୍ତ କରିଥିଲେ । ଆକସନ୍‌ଏଡର ଜିଲ୍ଲା ସଂଯୋଜିକା ପ୍ରିୟଙ୍କା ମଲ୍ଲିକ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ । ଉକ୍ତ ବୈଠକରେ ଉପରୋକ୍ତ ମଞ୍ଚ ଗଠନର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଜିଲ୍ଲାର ୧୩ଟି ବ୍ଲକର ୧୪ଟି ଆଇ.ସି.ଡି.ଏସ୍. ପ୍ରୋଜେକ୍ଟରୁ ୨୮ଜଣ କିଶୋର କିଶୋରୀ, ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ଏହି ବୈଠକରେ ଯୋଗ ଦେଇଥିଲେ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ଖାଉଟି ସାମଗ୍ରୀର କଳବଜାରୀ

ଧର୍ମଶାଳା,(ପିଏନ୍): ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ ହୋଇପଡିଥିବା ବେଳେ ଧର୍ମଶାଳା ଅଂଚଳରେ କେତେକ ଅସାଧୁ ବ୍ୟବସାୟୀ ଆବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ସହ କଳାବଜାରୀ ଅରମ୍ଭ କରିଦେଇଛନ୍ତି । ଦକ୍ଷୀଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଡିପ ଡିପ୍ରେସନରେ ପରିଣତ ହୋଇ ପରବର୍ତ୍ତି ସମୟରେ ଏହା ବାତ୍ୟାର ରୁପ ନେଇ ପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ତେବେ ଏହି ବାତ୍ୟାର ରୁପରେଖ କଣ ରହିବ ଏବଂ ଏହା କେଉଁ ଠାରେ ସ୍ଥଳଭାଗ ଛୁଇଁବ ତାହା ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ଓଡିଶା ଓ ଆନ୍ଧ୍ର ଉପକୂଳରେ ଲ୍ୟାଣ୍ଡଫଲ କରିବା ନେଇ ଅନୁମାନ କରାଯାଉଛି । ସେହିପରି କେତେ ବେଗରେ ପବନ ବହିବ ଏବଂ ଲ୍ୟାଣ୍ଡଫଲ ସମୟରେ ଏହାର ପ୍ରଭାବ କିପରି ରହିବ ଏସବୁକିଛି ଏବେ ଅସ୍ପଷ୍ଟ ରହିଥିବା ବେଳେ ଗଣମାଧ୍ୟମରେ ବାତ୍ୟା ଆଶଙ୍କା ନେଇ ପ୍ରଚାର ଜୋର ଧରିଥିବାରୁ ଲୋକେ ଭୟଭିତ ହୋଇପଡିଛନ୍ତି । ବାତ୍ୟା ପୂର୍ବରୁ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନ ଗୁଡିକରେ ଭିଡ ଜମାଉଛନ୍ତି । ଲୋକମାନଙ୍କ ଚାହିଦାକୁ ଦେଖି ଏହି ସମୟରେ ବ୍ୟବସାୟୀ ବିଭିନ୍ନ ସାମଗ୍ରୀରେ କଳାବଜାରୀ ଆରମ୍ଭ କରିଦେଇଛନ୍ତି । ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ କଳାବାଜାରୀ ଯୋଗୁଁ ଅହେତୁକ ମୂଲ୍ୟ ବୃଦ୍ଧି ହେଉଛି । ଯାହାକୁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ କଳାବଜାରୀ ରୋକିବା ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ତାହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେବେ ସମ୍ଭାବ୍ୟ ବାତ୍ୟାକୁ ନେଇ ଧର୍ମଶାଳା ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଥିବା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ନଦୀ ସୁରକ୍ଷା ସମିତି ନମାମି ଗଙ୍ଗେ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ



ଆନନ୍ଦପୁର,(ପି.ଏନ): ରାଜ୍ୟ ସରକାର ଓଡିଶାର ସମସ୍ତ କଳ,କାରଖାନା ଓ ଶିଳ୍ପପତି ମାନଙ୍କୁ ନଦୀର ପାଣିକୁ କୌଣସି କଟକଣା ନରଖି ଟେକି ଦେଇଛନ୍ତି । ଏପରିକି କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଲୁହାପଥରକୁ ଗୁଣ୍ଡ କରି ବଡ ବଡ ପାଇପ୍ ସାହାଯ୍ୟରେ ପାଣି ଦ୍ୱାରା କଳ, କାରଖାନା ଓ ପାରାଦୀପ ବନ୍ଦର ମାନଙ୍କୁ ପଠାଉଛନ୍ତି । ଯଦ୍ୱାରା କି କେନ୍ଦୁଝର, ସୁନ୍ଦରଗଡ ଜିଲ୍ଲାର ସମସ୍ତ ନଦୀ ଜଳଧାରା ଶୁଖି ଯାଉଛି । ଏହିପରି ସାହା ରାଜ୍ୟରେ ସମସ୍ତ ନଦୀ ବର୍ତ୍ତମାନ ଜଳସ୍ରୋତ ବନ୍ଦ ହୋଇଯାଇଛି । ପାଣି ଅଭାବରୁ ବଣ ଜଙ୍ଗଲର ପଶୁପକ୍ଷୀ ଆଜି ଜନବସତି ମୁହାଁ ହେଉଛନ୍ତି । କଳକାରଖାନାର ମଇଳା ପାଣିକୁ ନଦୀକୁ ଛାଡି ଦେଉଥଇବାରୁ ନଦୀ ପାଣି ପ୍ରଦୂଷିତ ହୋଇ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତହେଉଛନ୍ତି । ତତ୍‌ସହିତ ଓଡିଶା ସରକାରଙ୍କ ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ ନେତାମାନଙ୍କ ପ୍ରୋତ୍ସାହନରେ ରାଜ୍ୟ ବାଲି ମାଫିଆଙ୍କ ଦ୍ୱାରା ଖୁଲମ୍‌ଖୋଲା ଦିନ ଦ୍ୱିପ୍ରହରରେ ବାଲି ଚୋରା ଚାଲାଣ ଚାଲଛି । ଯଦ୍ୱାରା କି ବାର୍ଷିକ ଓଡିଶା ୧୪ହଜାର କୋଟି ଟଙ୍କା ରାଜସ୍ୱ ହରାଉଛି । ଏହାର ପ୍ରତିବାଦରେ ଓ ପ୍ରତିକାର ପାଇଁ ଆଜି ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ତରଫରୁ ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ୧୩ଜଣିଆ ପ୍ରତିନିଧି ଦଳ ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍‌ଙ୍କୁ ଦିନ ୧ଘଟିକା ସମୟରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବା ସହିତ ଏସବୁ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ବିଜେପି ନଦୀ ସୁରକ୍ଷା ସମିତିର ଉପଦେଷ୍ଟା ଯୁଧିଷ୍ଠିର ମହାରଣା, ରାଜ୍ୟ ସହସଂଯୋଜକ ଡକ୍ଟର ରବିନାରାୟଣ ବେହେରା,ଚିତ୍ରତାରକା ଅଶ୍ରୁମୋଚନ ମହାନ୍ତି, ଅଶୋକ କୁମାର ରଥ, ନିର୍ମଳ ଚନ୍ଦ୍ର ବେହେରା, ଶୁଭ୍ରାଂଶୁ ମୋହନ ପାଢୀ, ଦୁର୍ଯ୍ୟୋଧନ ଲେଙ୍କା, ଅଜୟ କୁମାର ସାମନ୍ତରାୟ, ବିକ୍ରମ କେଶରୀ ରାଉତରାୟ, ସନ୍ତୋଷ କୁମାର ସ୍ୱାଇଁ, ଶ୍ରୀମତୀ ନନ୍ଦିନୀ ଶତପଥି ଓ ଶ୍ରୀମତୀ ପୂର୍ଣ୍ଣିମା ଦାଶ ପ୍ରମୁଖ ସାମିଲ ଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray